

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୬ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 April 2026
Vol.No. 36 ■ No.91 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ରାଜଧାନୀରେ ମଦ୍ୟପ ଯୁବକଙ୍କ ଉନ୍ମକ୍ତ କାଣ୍ଡ

ଭୁବନେଶ୍ୱର, ୦୫/୪ (ନି.ପ୍ର): ରାଜଧାନୀରେ ମଦ୍ୟପ ଯୁବକଙ୍କ ଉନ୍ମକ୍ତ କାଣ୍ଡ। ଦୁର୍ଘଟଣା ଘଟାଇଲେ,ପିଟିଲେ ,ବିରୋଧ କରିବାରୁ ଖଣ୍ଡାରେ ଗୋଡେଇ ଗୋଡେଇ ହାଣିଲେ। ଖାରବେଳ ନଗର ଥାନା ୟୁନିଟ ୪ ଆମିଷ ବଜାର ପାଖରେ ହୋଟେଲ କର୍ମଚାରୀଙ୍କୁ ଗୋଡେଇ ଗୋଡେଇ ହାଣିଲେ ୪ ମଦ୍ୟପ ଯୁବକ। ଖଣ୍ଡା ଚୋଟରେ ଗୁରୂତର ଆହତ ହେଇଛନ୍ତି ଯୁବକ। ଆହତ ଯୁବକ ହେଲେ ପୂର୍ବ ପଶ୍ଚିମବଙ୍ଗ, ମେଦିନପୁର ଅଂଚଳର ବୁଦ୍ଧ ଭୂୟାଁ। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଚି । ଗୁରୁତର ଅବସ୍ଥାରେ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଘଟଣାସ୍ଥଳରେ ଖାରବେଳ ନଗର ଥାନା ପୋଲିସ ପହଂଚି ତଦନ୍ତ କରୁଛି । ରାତିରେ ହୋଟେଲରୁ କାମସାରି ଫେରୁଥିବା ବେଳେ ୨ ଜଣ ଯୁବକ ଆସି ଆହତ ଯୁବକ ଜଣଙ୍କୁ ଧକ୍କା ଦେଇଥିଲେ । ଧକ୍କା ଦେବା ପରେ ଉଭୟଙ୍କ ଭିତରେ କିଛି ସମୟ ପଟିତୁଣ୍ଡ ଓ ବଚସା ହୋଇଥିଲା ।ଏହାକୁ ବିରୋଧ କରିବାରୁ ଆଉ ୨ ଜଣ ଯୁବକ ଆସି ଖଣ୍ଡାରେ ହାଣିଛନ୍ତି । ଘଟଣାସ୍ଥଳରୁ ୪ ଯୁବକ ଚଂପଟ ମାରିଛନ୍ତି। ଘଟଣାକୁ ଗୁରୁତର ସହିତ ନେଇ ୪ ଅପରାଧୀଙ୍କୁ ଖୋଜୁଛି ପୋଲିସ୍।

# ଫ୍ରାନ୍ସ ହାତ ଛାଡ଼ିଲା, ୟୁରୋପ ମଧ୍ୟ ନିଜକୁ ଦୂରେଇ ରଖିଲା: ହର୍ମୁଜ୍‌ରୁ ତେହେରାନ ପର୍ଯ୍ୟନ୍ତ ଏକୁଟିଆ ଟ୍ରମ୍ପ



ନୂଆଦିଲ୍ଲୀ,୦୫/୪ : ବିଶ୍ୱର ଅନେକ ପ୍ରମୁଖ ଦେଶ ଆଉ ହର୍ମୁଜ୍ ପ୍ରଣାଳୀର ସଙ୍କଟର ମୁକାବିଲା କରିବା ପାଇଁ ଆମେରିକା ଉପରେ ନିର୍ଭର କରୁନାହାନ୍ତି । ଇରାନ ଯୁଦ୍ଧକୁ ନେଇ ଆମେରିକା ଏବଂ ଏହାର ୟୁରୋପୀୟ ସହଯୋଗୀଙ୍କ ମଧ୍ୟରେ ମତଭେଦ ବଢୁଛି । ଉପସାଗରୀୟ କ୍ଷେତ୍ରର ତୈଳ ଏବଂ ଗ୍ୟାସ୍ ଉପରେ ନିର୍ଭରଶୀଳ ଦେଶଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥକୁ ପୁନଃ ଖୋଲିବା ପାଇଁ ଦ୍ରୁତ ଗତିରେ ପ୍ରୟାସ କରୁଛନ୍ତି । ସେହି ସମୟରେ, ଆମେରିକାର ଆଭିମୁଖ୍ୟ ନେଇ ବିଶ୍ୱବ୍ୟାପୀ ଅସନ୍ତୋଷ ମଧ୍ୟ ବଢୁଛି । ଜଳପଥ ଦେଇ ଜାହାଜ ଚଳାଚଳ ପୁନଃଆରମ୍ଭ କରିବା ବିଷୟରେ ଆଲୋଚନା କରିବା ପାଇଁ ବ୍ରିଟେନ ଚଳିତ ସପ୍ତାହରେ ୪୦ ରୁ ଅଧିକ ଦେଶର ଏକ ବୈଠକ ଡାକିଥିଲା। ବିଶ୍ୱ ବାଣିଜ୍ୟରେ ବାଧା ପାଇଁ ଇରାନକୁ ଦାୟୀ କରାଯାଇଥିଲା । ତେବେ ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ମତଭେଦ ମଧ୍ୟ ସ୍ପଷ୍ଟ ଥିଲା । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଆମେରିକାର ସାମରିକ ଅଭିଯାନରେ ଯୋଗ ଦେବାକୁ ମନା କରିଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସେ କହିଥିଲେ ଯେ, ଏହା ଆମର ଯୁଦ୍ଧ ନୁହେଁ । ଆମେରିକା ନିଜେ କାର୍ଯ୍ୟାନୁଷ୍ଠାନ କରୁ। ୟୁରୋପୀୟ ଦେଶମାନେ ସାମରିକ ବିକଳ୍ପ ଅପେକ୍ଷା ଆଲୋଚନା ଏବଂ ଆର୍ଥିକ ଚାପକୁ ପ୍ରାଥମିକତା ଦେଉଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ସାମରିକ କାର୍ଯ୍ୟାନୁଷ୍ଠାନ ଅବାସ୍ତବ ଏବଂ ବିପଦପୂର୍ଣ୍ଣ ହେବ। ବାହାରିନ ଏହି ଅଞ୍ଚଳରେ ବାଣିଜ୍ୟ ଜାହାଜର ସୁରକ୍ଷା ପାଇଁ ଜାତିସଂଘରେ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲା, କିନ୍ତୁ ଏହାକୁ ଚୀନ୍‌ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯୁଦ୍ଧ ଆମେରିକା ଏବଂ ୟୁରୋପ ମଧ୍ୟରେ ବଢୁଥିବା ଦୂରତାକୁ ମଧ୍ୟ ପ୍ରତିଫଳିତ କରୁଛି। ଯୁଦ୍ଧରେ ସହଯୋଗୀମାନେ ସମର୍ଥନ କରୁନଥିବାରୁ ଆମେରିକା ଅସନ୍ତୋଷ ପ୍ରକାଶ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋର ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଗୋଟିଏ ପଟେ, ସେ ଉପସାଗରୀୟ କ୍ଷେତ୍ର ଉପରେ ନିର୍ଭରଶୀଳ ଦେଶମାନଙ୍କୁ ଜଳପଥ ନିଜେ ଖୋଲିବାକୁ ଅନୁରୋଧ କରିଥିଲେ, ଅନ୍ୟପଟେ ସେ ଇଙ୍ଗିତ ଦେଇଥିଲେ ଯେ ଆମେରିକା ମଧ୍ୟ ଏହାକୁ ଖୋଲିପାରେ, ଯାହା ତାଙ୍କ ନୀତିରେ ଥିବା ଦ୍ୱନ୍ଦ୍ୱକୁ ପ୍ରତିଫଳିତ କରୁଛି । ଇରାନ ଜଳପଥ ଉପରେ ନିଜର ନିୟନ୍ତ୍ରଣକୁ କଠୋର କରିଛି ଏବଂ କେବଳ କିଛି ଦେଶକୁ ସୀମିତ ପଥ ପ୍ରଦାନ କରୁଛି। ଇରାନ ଜାହାଜଗୁଡ଼ିକ ଉପରେ ଶୁଳ୍କ ଆଦାୟ କରିବାର ପ୍ରସ୍ତାବ ମଧ୍ୟ ଦେଇଛି। ଏହି ସଙ୍କଟ ଅନେକ ଦେଶକୁ ଆକସ୍ମିକ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରିଛି, ଯେଉଁଥିରେ ଜାହାଜ କମ୍ପାନିଗୁଡ଼ିକ ସହିତ ସମନ୍ୱୟ ଏବଂ ଇରାନ ଉପରେ ଚାପ ପକାଇବା ପାଇଁ ସମ୍ଭାବ୍ୟ ପଦକ୍ଷେପ ଅନ୍ତର୍ଭୁକ୍ତ ରହିଛି । ଯୁଦ୍ଧ ଯୋଗୁ ମାନବିକ ଚିନ୍ତା ମଧ୍ୟ ବଢୁଛି। ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବକୁ ଦୂର କରିବା ପାଇଁ ଜାତିସଂଘ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛି। ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ପରାମର୍ଶ ଦେଇଛନ୍ତି ଯେ, ଶକ୍ତି ଏବଂ ଯୁଦ୍ଧ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ପୃଥକ ଭାବରେ ସମାଧାନ କରାଯିବା ଉଚିତ। ସାମଗ୍ରିକ ଭାବରେ, ଯୁଦ୍ଧର ଅବଧି ଏବଂ ସମାଧାନ ବିଷୟରେ ଅନିଶ୍ଚିତତା ରହିଛି ଏବଂ ଆମେରିକାର ବର୍ତ୍ତମାନ କୌଣସି ସ୍ପଷ୍ଟ ଯୋଜନା ମଧ୍ୟ ନାହିଁ ।

## ଇରାନ୍ ମାଟିରୁ ଖତରନାକ ରେସକ୍ୟୁ: ନିଜ ପାଇଲଟଙ୍କୁ ଛଡ଼ାଇ ଆଣିଲା ଆମେରିକା



ନୂଆଦିଲ୍ଲୀ,୦୫/୪ : ଇରାନର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ନିଜ ବାୟୁସେନା ଅଧିକାରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ଆମେରିକା। ପ୍ରାୟ ୪୮ ଘଣ୍ଟାର ରେସକ୍ୟୁ ଅପରେସନ୍ କୌଣସି ହଲିଉଡ୍ ସିନେମାର କ୍ଲାଇମାକ୍ସଠାରୁ କମ୍ ନଥିଲା। ଆମେରିକାର F-15E ଷ୍ଟ୍ରାଇକ୍ ଇଗଲ୍ ଏୟାରକ୍ରାଫ୍ଟକୁ ମିସାଇଲ୍ ମାରି ଖସାଇ ଦେଇଥିଲା ଇରାନ୍। ଜଣେ ପାଇଲଟଙ୍କୁ ଇଜେକସନ୍ ପରେ ତୁରନ୍ତ ଉଦ୍ଧାର କରାଯାଇଥିଲେ ବି ଦ୍ୱିତୀୟ କ୍ରୁ ମେମ୍ବର ଇରାନର ପାହାଡ଼ିଆ ଦୁର୍ଗମ ଅଞ୍ଚଳରେ ନିଖୋଜ ଥିଲେ। ତାଙ୍କୁ ଉଦ୍ଧାର ପାଇଁ ଆମେରିକା ଯେଉଁ ସାହସିକ ମିଶନ କରିଥିଲା ତାକୁ ନେଇ ସାରା ବିଶ୍ୱରେ ଏବେ ଚହଳ ପଡିଛି। ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ପାରାଚୁଟ ଦେଇ ସୁରକ୍ଷିତ ଅବତରଣ କରିଥିଲେ ବି ଶତ୍ରୁ ମାଟିରେ ପଡ଼ିଥିଲା ପାଇଲଟଙ୍କ ପାଦ। ପ୍ରାୟ ଦୁଇ ଦିନ ଇରାନ ଆଖିରେ ଧୂଳି ଦେଇ ଅଜ୍ଞାତ ପାହାଡ଼ି ଇଲାକାରେ ଲୁଚି ରହିଥିଲେ। ତାଙ୍କର ସାହା ଭରସା ଥିଲା କେବଳ ଗୋଟିଏ ପିସ୍ତଲ ଓ ଆମେରିକା ସେନାକୁ ସିଗନାଲ୍ ଦେବା ପାଇଁ ଏକ ବିକନ୍ ଡିଭାଇସ୍। ଗୋଟିଏ ପଟେ ଇରାନ ସେନା ପାଇଲଟଙ୍କୁ ଧରିବାକୁ ପୁରସ୍କାର ରାଶି ଘୋଷଣା କରିଥିଲା। ଅନ୍ୟପଟେ ଇରାନ ବିରୋଧୀ ସରକାରୀ ଗୋଷ୍ଠୀ ସହାୟତାରେ ସେ ନିଜକୁ ବଞ୍ଚାଇ ରଖିଥିଲେ। ବିକନ୍ ଡିଭାଇସ୍ ଜରିଆରେ ସେନା ଲୋକେସନ୍ ଟ୍ରାକ୍ କରିବା ପରେ ଆମେରିକା ଆରମ୍ଭ କରିଥିଲା ରେସକ୍ୟୁ ଅପରେସନ୍। ଏବେ ଆସନ୍ତୁ ଜାଣିବା କେମିତି ଥିଲା ଆମେରିକାର ୪୮ ଘଣ୍ଟିଆ ଡେଡଲି ଅପରେସନ୍। ◆◆ପୃଷ୍ଠା ୭

## ଗ୍ୟାସ୍ କଳାବଜାରୀ: ୧୩୨ଟି ସିଲିଣ୍ଡର ଜବତ

### ଖୋଲାରେ ମିଳିବନି ଗ୍ୟାସ: ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର, ୦୫/୪ (ନି.ପ୍ର): ଗୋଟିଏ ପଟେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଅନ୍ୟ ପଟରେ ଏହାର କଳାବଜାରୀ ରୋକିବାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଢେଙ୍କାନାଳ ଓ ଯାଜପୁରରୁ ଆଜି ୧୩୨ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଛି। ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ବିକ୍ରି କରାଯାଉଥିବା ଖବର ପାଇ ଢେଙ୍କାନାଳ ସହରର ଶାସନ ଛକ ନିକଟରେ ଥିବା 'ସୀତାରାମ' ନାମକ ଏକ ଗ୍ୟାସ ଦୋକାନରେ ଚଢ଼ାଉ କରିଥିଲା ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଏନଫୋର୍ସ ମେଣ୍ଟ ଟିମ୍। ଚଢ଼ାଉ ସମୟରେ ଏହି ଦୋକାନରୁ ୨୭ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ସେଥିରୁ ୩ଟି କମର୍ସିଆଲ ଟାଙ୍କି ଥିବା ବେଳେ ବାକି ୨୪ଟି ଘରୋଇ ଟାଙ୍କି ବୋଲି ଜଣାପଡ଼ିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଗ୍ୟାସ କଳାବଜାରୀ କରୁଥିବା ଲୋକମାନଙ୍କୁ ଧରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି। ସେହିପରି ଯାଜପୁରରେ ଗ୍ୟାସ କଳାବଜାରୀ ରୋକିବାକୁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କୋରେଇ ଓ ସୁକିନ୍ଦା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ବେଳେ ୧୦୫ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଛି। ତା' ମଧ୍ୟରେ ୧୦୩ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଥିବା ବେଳେ ୨ଟି କମର୍ସିଆଲ ସିଲିଣ୍ଡର ରହିଛି। ଜିଲ୍ଲାରେ ଖଚଏ ସିଲିଣ୍ଡରର କୌଣସି ଅଭାବ ନାହିଁ ଏବଂ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତା'ସହିତ ଖଚଏ ସିଲିଣ୍ଡରର କଳାବଜାରୀ ସଂପର୍କିତ କୌଣସି ସୂଚନା ପାଇଲେ ତୁରନ୍ତ ଜିଲ୍ଲା ଯୋଗାଣ ବିଭାଗକୁ ସୂଚନା ଦେବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ◆◆ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟର ଐତିହାସିକ ନିଷ୍ପତ୍ତି

■ଫୋକସରେ ଏସସି, ଏସଟି ଓ ଓବିସି
■ଚଳିତ ଶିକ୍ଷାବର୍ଷରୁ ଲାଗୁ ହେବ ନୂଆ ସଂରକ୍ଷଣ ନୀତି
■ମିଳିବ ମୁଣ୍ଡପିଛା ଆଉ ୫ କିଲୋ ମାଗଣା ଚାଉଳ



ଭୁବନେଶ୍ୱର, ୦୫/୪ (ନି.ପ୍ର): ଦୀର୍ଘବର୍ଷର ଦାବି ପରେ ଶେଷରେ ପ୍ରଥମଥର ପାଇଁ ରାଜ୍ୟରେ ମେଡିକାଲ, ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାରେ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ (ଏସଇବିସି) ପିଲାମାନଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳିବ। ଏହାସହିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ସଂରକ୍ଷଣ ସୀମା ମଧ୍ୟ ବୃଦ୍ଧି କରାଯାଇଛି। ରାଜ୍ୟର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ଆଖିରେ ରଖି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ମୁଣ୍ଡପିଛା ମାସିକ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେବାକୁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମେତ ମୋଟ ୧୬ଟି ପ୍ରସ୍ତାବକୁ କ୍ୟାବିନେଟଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୩ଟି ବିଭାଗର ୧୯ଟି ପ୍ରସ୍ତାବ ଆଗତ ହୋଇଥିଲା। ମାତ୍ର ସେଥିରୁ ୧୬ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ମେଡିକାଲ, ଇଞ୍ଜିନିୟରିଂ, ପଲିଟେକନିକ୍, ଆଇଟିଆଇ ଓ ଅନ୍ୟାନ୍ୟ ◆◆ପୃଷ୍ଠା ୭

## ବଞ୍ଜାରରେ ଟେମ୍ପୋ ଟ୍ରାଭେଲର୍ ଘାଟିକୁ ଖସିଲା: ୪ ଜଣଙ୍କ ମୃତ୍ୟୁ, ୧୯ ଆହତ

ନୂଆଦିଲ୍ଲୀ,୦୫/୪ :ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାର ବଞ୍ଜାର ଉପଖଣ୍ଡର ଘିଆଗି ଅଂଚଳରେ ଶନିବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି ।ଜଲୋର୍ଡି ଦରାରୁ ବଞ୍ଜାର ଅଭିମୁଖେ ଯାଉଥିବା ଏକ ଟେମ୍ପୋ ଟ୍ରାଭେଲର୍ (ଡିଏଲ ୧ଭିସି-୫୯୫୮) ହଠାତ୍ ନିୟନ୍ତ୍ରଣ ବାହାରକୁ ଯାଇ ପ୍ରାୟ ୩୦୦ ଫୁଟ ଗଭୀର ଘାଟିରେ ଖସିପଡ଼ିଲା। ଏହି ଦୁର୍ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଶିଶୁ ସମେତ ଅନ୍ୟ ୧୯ ଜଣ ଆହତ ହୋଇଛନ୍ତି ।ରିପୋର୍ଟ ଅନୁଯାୟୀ, ଗାଡ଼ିରେ ମୋଟ ୨୩ ଜଣ ଯାତ୍ରୀ ଥିଲେ। ଗାଡ଼ିଟି ଘିଆଗି ନିକଟରେ ପହଂଚିବା ମାତ୍ରେ ଡ୍ରାଇଭର ନିୟନ୍ତ୍ରଣ ହରାଇଲେ ଏବଂ ଗାଡ଼ିଟି ସିଧାସଳଖ ଘାଟିରେ ଖସିପଡ଼ିଲା। ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିଲା, ◆◆ପୃଷ୍ଠା ୭

## ବିଜେପିର ବିଜୟ ସଂକଳ୍ପ ସଭା

ନୂଆଦିଲ୍ଲୀ,୦୫/୪ : ବିଧାନସଭା ନିର୍ବାଚନ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଉତର ବଙ୍ଗ ଗସ୍ତ କରୁଛନ୍ତି। ତାଙ୍କର ଏହି ଗସ୍ତକୁ କେନ୍ଦ୍ର କରି କୁଚବିହାରରେ ଏକ ଉତ୍ସାହଜନକ ପରିବେଶ ଦେଖିବାକୁ ମିଳୁଛି। ରବିବାର ପ୍ରଧାନମନ୍ତ୍ରୀ କୁଚବିହାରର ଐତିହାସିକ ରାସମେଳା ପଡ଼ିଆରେ ବିଜେପିର 'ବିଜୟ ସଂକଳ୍ପ ସଭା' ଆରମ୍ଭ କରିଛନ୍ତି। ଏହି ମେଗା ରାଲି ଅପରାହ୍ନ ୩ଟା ସମୟରେ ଅନୁଷ୍ଠିତ ହୋଇଛି। ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ବିଧାନସଭା ନିର୍ବାଚନରେ ଉତର ବଙ୍ଗ ଆସନଗୁଡ଼ିକ ବିଜେପି ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତ ଲୋକସଭା ନିର୍ବାଚନରେ ଏହି ଅଂଚଳ ଏକ ଦୃଢ଼ ବିଜେପି ଗଡ଼ ଭାବରେ ଉଭା ହୋଇଥିଲା ଏବଂ ସେହି ନେତୃତ୍ୱ ବଜାୟ ରଖିବା ପାଇଁ ଏବେ ଏକ ରଣନୀତି ଚାଲିଛି।

## ଆଗାମୀ ଦିନରେ ରାଜ୍ୟରେ ହେବ ମେଟ୍ରୋ ପ୍ରକଳ୍ପ: ପୂର୍ବତ୍ତ ମନ୍ତ୍ରୀ



ଭୁବନେଶ୍ୱର, ୦୫/୪ (ନି.ପ୍ର): ମେଟ୍ରୋ ପ୍ରକଳ୍ପକୁ ନେଇ ପୂର୍ବତ୍ତ ମନ୍ତ୍ରୀଙ୍କ ବଡ଼ ବୟାନ । ରାଜ୍ୟରେ ଆଗାମୀ ଦିନରେ ନିଶ୍ଚିତ ଭାବରେ ମେଟ୍ରୋ ହେବ। ବର୍ତ୍ତମାନ ସ୍ଥିତିରେ ମେଟ୍ରୋ କରି ନିଜର ନିର୍ବାଚନ ଚାଲ ଖେଳିବା ଏବଂ ମେଟ୍ରୋ କରି ପ୍ରତିବର୍ଷ ଦୁଇ ହଜାର କୋଟି କ୍ଷତି କରିବାର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି । ମୋବିଲିଟି ପ୍ଲାନ ହେଲା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ । ଏଥିସହ ମେଟ୍ରୋ ପ୍ରକଳ୍ପକୁ ନେଇ ପୂର୍ବ ସରକାରକୁ ଦୋଷ ଦେଇଛନ୍ତି ପୂର୍ବତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କହିଛନ୍ତି ମେଟ୍ରୋକୁ ନେଇ ଯେଉଁ ଚୁକ୍ତି ହୋଇଥିଲା ଏହା କଣ୍ଟ୍ରାକ୍ଟ । ଯେଉଁଠି ଯେଉଁଠି ମେଟ୍ରୋ ହୋଇଛି ସେଠି କେନ୍ଦ୍ର ସରକାରଙ୍କ ସହାଭାଗିତାରେ ହୋଇଛି । ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତବେଳେ ବ୍ୟବସ୍ଥା କଲେ ସେତେ ବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହଭାଗିଆ ନ ନେଇକି ରାଜ୍ୟ ଯୋଜନାରୁ କରିବେ ବୋଲି ବସିଥିଲେ । ମେଟ୍ରୋର ପାଇଁ ଯେଉଁ ଯୋଜନା ହୋଇଛି, ଏବେ କଲେ କ୍ଷତି ହେବ । ଗତ ସରକାର ଅପରିଣା ଦର୍ଶୀ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ ।

## ଜାତିସଂଘରେ ଟ୍ରମ୍ପଙ୍କୁ ନେଇ ଚେତାବନୀ ଦେଲେ ପୂର୍ବତନ ଆଇଏଇଏ ମୁଖ୍ୟ



ନୂଆଦିଲ୍ଲୀ,୦୫/୪ : ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ସଂଘର୍ଷ ମଧ୍ୟରେ, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ, ମହମ୍ମଦ ଏଲ୍-ବାରାଦେଇ, ଉପସାଗରୀୟ ଦେଶ ଏବଂ ଜାତିସଂଘକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରୋକିବା ପାଇଁ ନିବେଦନ କରିଛନ୍ତି। ଇରାନର ଇସଲାମିକ୍ ରିପବ୍ଲିକ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଏଲ୍-ବାରାଦେଇ କହିଛନ୍ତି, ସେ ପାଗଳ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ନିଆଁ ପିଣ୍ଡୁଳାରେ ପରିଣତ କରିବା ପୂର୍ବରୁ ତାଙ୍କୁ ରୋକ। ତୁରନ୍ତ ସମସ୍ତ ଶକ୍ତି ପ୍ରୟୋଗ କରି ତାଙ୍କୁ ଏପରି କରିବାରୁ ରୋକନ୍ତୁ । ନଚେତ୍ ସର୍ବନାଶ ହେବ। ଅଲ-ବାରାଦେଇ ଟ୍ରମ୍ପଙ୍କ ଇରାନ ନୀତିକୁ କଡ଼ା ନିନ୍ଦା କରି ଉପସାଗରୀୟ ଦେଶ ଏବଂ ଜାତିସଂଘକୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଆହ୍ୱାନ କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ଉପସାଗରୀୟ ଦେଶଗୁଡ଼ିକର ସରକାରଙ୍କୁ ମୋର ନିବେଦନ ହେଉଛି ଏହି ପାଗଳ ବ୍ୟକ୍ତି ସମଗ୍ର ଅଞ୍ଚଳକୁ ନିଆଁର ଗୋଲାରେ ପରିଣତ କରିବା ପୂର୍ବରୁ ଦୟାକରି ଟ୍ରମ୍ପଙ୍କୁ ରୋକିବା ପାଇଁ ଆପଣଙ୍କ ଶକ୍ତିମତେ ଯାହା ଅଛି ତାହା କରନ୍ତୁ। ଏକ ଇଂରାଜୀ ପୋଷ୍ଟରେ, ସେ ସିଧାସଳଖ ଜାତିସଂଘକୁ ପଚାରିଛନ୍ତି, ଏହି ପାଗଳାମିକୁ ବନ୍ଦ କରିବା ପାଇଁ କିଛି କରାଯାଇପାରିବ ନାହିଁ? ପୂର୍ବତନ ଆଇଏଇଏ ମୁଖ୍ୟ ଏଲ୍-ବାରାଦେଇ ୧୯୯୭ ରୁ ୨୦୦୯ ପର୍ଯ୍ୟନ୍ତ ଏଜେନ୍ସିର ନେତୃତ୍ୱ ନେଇଥିଲେ ଏବଂ ୨୦୦୫ ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଇଥିଲା। ସେ ପୂର୍ବରୁ ଆମେରିକା 'ବାଛିଥିବା ଯୁଦ୍ଧ' ନୀତିକୁ ସମାଲୋଚନା କରି କହିଥିଲେ ଯେ, ଅଞ୍ଚଳରେ ବୃଦ୍ଧି ପାଉଥିବା ଉତ୍ତେଜନା ସମଗ୍ର ମଧ୍ୟପ୍ରାଚ୍ୟକୁ ଅସ୍ଥିର କରିପାରେ। ଟ୍ରମ୍ପ ସମ୍ପ୍ରତି ଇରାନକୁ ଏକ ନୂତନ ୪୮ ଘଣ୍ଟାର ଅଲଟିମେଟମ୍ ଦେଇଛନ୍ତି। ◆◆ପୃଷ୍ଠା ୭

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର, ୦୫/୪ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ।

ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ରହିଛି। ତା' ଭିତରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ। ଏଠାକାର ଉନ୍ନତ ଭିତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ। ବୈଠକରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ଶ୍ରୀ ପିନାକୀ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ମହିଳା କମିଶନ ଓଡିଶା ସରକାର କାର୍ଯ୍ୟାଳୟ ତରଫରୁ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ବଲାଙ୍ଗିର, ୦୫/୪ (ନି.ପ୍ର): ଆଗଲପୁର (ଡୁଡୁକା) ବ୍ଲକ ବୈଠକ ଗୃହ ଠାରେ ମହିଳା କମିଶନ ଓଡିଶା ସରକାର କାର୍ଯ୍ୟାଳୟ ତରଫରୁ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବରେ ମହିଳା କମିଶନ ଓଡିଶାର ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ ଯୋଗଦାନ କରିଥିଲେ । ଅତିଥି ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ପିତାମ୍ବର କଣ୍ଡା, ଆଗଲପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ଦାଶ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଆଗଲପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁଦ୍ର ପ୍ରସାଦ ସୁନା, ପ୍ରଶିକ୍ଷକ ଭାବରେ ୱାଏମଏଲସିର ଅସିଷ୍ଟାଣ୍ଡ ପ୍ରଫେସର ଶ୍ରୀଚଣ୍ଡୀ ପ୍ରସାଦ ଖମାରି ଯୋଗଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ଆଗଲପୁର ବ୍ଲକର ଆଶା, ଅଙ୍ଗନବାଡି କର୍ମୀ, ଶିକ୍ଷୟିତ୍ରୀ ବୃନ୍ଦ, ସ୍ୱୟଂ ସହାୟକ ଦଳର ସଦସ୍ୟା, ଏଏନଏମ, କଲେଜ ଛାତ୍ରୀ ପ୍ରମୁଖ ୨୫୦ ରୁ ଅଧିକ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ମୁକ୍ତା ସାହୁ ନାରୀ ମାନଙ୍କର ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଉପରେ ସବିଶେଷ ଆଲୋଚନା କରିଥିଲେ ଏବଂ ଓଡିଶାରେ ମହିଳା କମିଶନ ଦ୍ୱାରା କିପରି ମହିଳା ମାନେ ଲାଭ ପାଇପାରିବେ ତଥା ତାଙ୍କ ସମସ୍ୟାର ସମାଧାନ କିପରି ହେବ ଏ ବିଷୟରେ ଆଲୋଚନା କରିଥିଲେ । ଶ୍ରୀମତୀ ସାହୁ ପୋଶ ଆକ୍ଟ, ବାଲ୍ୟ ବିବାହ, ଘରୋଇ ହିଂସା ବିଷୟରେ ଆଲୋଚନା କରିଥିଲେ । ସମସ୍ତ ଅତିଥି ବୃନ୍ଦ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିଥିଲେ । ପରେ ପ୍ରଶିକ୍ଷକ ଶ୍ରୀ ଖମାରି ଏଲସିସି/ ଆଇସିସି ଗଠନ, ଘରୋଇ ହିଂସା, ପୋକସୋ ଆକ୍ଟ, ଡାହାଣୀ ସନ୍ଦେହ ଜନିତ ହତ୍ୟାର ସରକାରୀ ପ୍ରାବଧାନ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ସୁଭଶ୍ରୀ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ପିଓ-କମ୍-ପିଓ ସୁଜାତା ଦୋରା । ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ଶିବାନୀ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓୟୁଏସଏସଏସ୍‌ସି ଅଧ୍ୟକ୍ଷ ରଶ୍ମୀ ରଞ୍ଜନ ସ୍ୱାଇଁ

ଭୁବନେଶ୍ୱର, ୦୫/୪ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ନିଯୁକ୍ତି ଆୟୋଗ ରଶ୍ମୀ ରଞ୍ଜନ ସ୍ୱାଇଁ । ୧୩ ମାର୍ଚ୍ଚରେ ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ତଥା ଜାମ୍ମୁ କାଶ୍ମୀର ପୂର୍ବତନ ପୋଲିସ ଡ଼ିଜି ରଶ୍ମୀ ରଞ୍ଜନ ସ୍ୱାଇଁଙ୍କୁ ନୂଆ ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ । ଶନିବାର ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ପ୍ରାଥମିକ ପ୍ରତିକ୍ରିୟା ପ୍ରତିକ୍ରିୟା ରଖି ଆୟୋଗ ଅଧ୍ୟକ୍ଷ ରଶ୍ମୀ ରଞ୍ଜନ ସ୍ୱାଇଁ କହିଛନ୍ତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି। ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଅବାଧ, ସମୟ ଉପଯୋଗୀ ଓ ସ୍ୱଚ୍ଛ ହେଉ । ନିଯୁକ୍ତି ପ୍ରକ୍ରିୟାରେ ଜନ ସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ବହୁତ ବଡ଼ କଥା । ସରକାର ଏହାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ମୋତେ ଦାୟିତ୍ୱ ଦେଇଛନ୍ତି। ପୂର୍ଣ୍ଣ ପ୍ରାଣରେ ଚେଷ୍ଟା କରିବି ଯେଉଁ ବିଶ୍ୱାସର ସହ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର ତାକୁ କାମ ରେ କରି ଦେଖାଇବି। ମୁଁ ବିଭିନ୍ନ ଦିଗକୁ ନେଇ ଗବେଷଣା କରୁଛି ଯେମିତି କି ନିଯୁକ୍ତି ପ୍ରକ୍ରିୟାରେ କଣ ସମସ୍ୟା ରହିଛି ଓ ବର୍ତମାନ ର ପରିସ୍ଥିତି କଣ ରହିଛି । ଖୁବଶୀଘ୍ର ଗୋଟେ ବିସ୍ତୃତ ପ୍ଲାନିଂ ଏବଂ ପଲିସି ସହ ଜଣାଯିବ। ଅନ୍ୟ ସ୍ଥାନରେ ସବୁ କଣ ରହିଛି ତାକୁ ଷ୍ଟଡ଼ି କରି ସବୁଠାରୁ ଭଲ ନୀତି ନିୟମ ସବୁ ପ୍ରସ୍ତୁତ କରାଯିବ।

## ରାଣୀକଟାଠାରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବଲାଙ୍ଗିର, ୦୫/୪ (ନି.ପ୍ର): ରାଣୀକଟା ଆମ୍ବେଦକର ନଗରବାସୀଙ୍କ ଦ୍ୱାରା ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ଏକ ପ୍ରତିମୂର୍ତି ମହାସମାରୋହରେ ଉନ୍ମୋଚିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବଲାଙ୍ଗିର ତରଣି ସୁନା ଓ ପିପିର୍ଡା ସରପଂଚ ରୁବି ବାବୁ ଉନ୍ମୋଚନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ତରଣି ସୁନା ଜିଲ୍ଲା ଉନ୍ନୟନ ଅଧିକାରୀ ମୁଖ୍ୟ ଅତିଥି ଶମ୍ଭୁ ନାଗ ବିଶିଷ୍ଟ ଶ୍ରମିକ ନେତା, ସ୍ୱତନ୍ତ୍ର ଅତିଥି ଲଙ୍କେଶ ରାବଣ ସଭାପତି ଭୀମ ଆର୍ମି ଓଡିଶା, ଗୁରୁଚରଣ ହରିପାଲ ସାମାଜିକ କର୍ମୀ, ବାସୁଦେବ ମୁଗ୍ରୀ ଶିକ୍ଷକ ନେତା, ନିତେଶ କୁମ୍ଭାର ଜିଲ୍ଲା ଭୀମ ଆର୍ମି ସଭାପତି, କୌଶଲ୍ୟା କୁମ୍ଭାର ସଭାନେତ୍ରୀ ସାବିତ୍ରୀବାଇ ମହିଳା ସଂଗଠନ, ସଂପାଦକ ବୁଦ୍ଧିଷ୍ଟ ସୋସାଇଟି ମଂଚାସିନ ଥିଲେ । ଏହି ଐତିହାସିକ କାର୍ଯ୍ୟକ୍ରମରେ ପ୍ରତିମୂର୍ତି ଉନ୍ମୋଚନ ଫଳରେ ସାମାଜିକ ଦାୟିତ୍ୱ ଆହୁରି ବଢିଗଲା ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଆମ୍ବେଦକରବାଦ ପ୍ରଚାରର ଏକ ଅଂଶ ବିଶେଷ ଏହି କାର୍ଯ୍ୟକ୍ରମ ପ୍ରଶାନ୍ତ କୁମ୍ଭାର ଓ ରଜନୀ ନାଗ ଦୁହିଙ୍କ ସହଧର୍ମଣୀକୁ ଆମ୍ବେଦକରବାଦ ର ପ୍ରତିଷ୍ଠା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସମଗ୍ର ଅଂଚଳ ବୁଦ୍ଧମୟ ହୋଇଥିଲା । ୨୫ ଜଣ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ଏହି ଐତିହାସିକ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନଗର ପରିକ୍ରମା କରାଯାଇଥିଲା । ଆଖ ପାଖ ଅଂଚଳରୁ ଶହ ଶହ ଆମ୍ବେଦକର ପ୍ରେମୀ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦିପ୍ତିପ୍ରକାଶ, ଅନିଲ, ବର୍ଜମୋହନ, ବିକାଶ, ସମୀର, ଭାଲୁ, ଜୁଲୁ, ବୁଲୁ, ଶୁଶାନ୍ତ, ଡମ୍ବରୁ, କାହ୍ନୁ, ପିଂଟୁ, ରମାକାନ୍ତ, ବିଜୟ, ସୁରେଶ, ରାଜା, ସୁମନ୍ତ, ସୁରୁ, ହୁସେର, ମଧୁ, ସୁରଥ ଅକ୍ଲାନ୍ତ ପରିଶ୍ରମ କରି ସଫଳ କରିଥିଲେ । ଅଧିକାରର ସାମ୍ବାଦିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ତ୍ରିଲୋଚନ ନନ୍ଦ ସଭା ପରିଚାଳନା କରିଥିଲେ ।

## ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କୁ ମିଳୁନି ବହି କି ପୋଷାକ: କଂଗ୍ରେସ

ଭୁବନେଶ୍ୱର, ୦୫/୪ (ନି.ପ୍ର): ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟରେ ଅନେକ ସ୍କୁଲରେ ଛାତ୍ରଛାତ୍ରୀମାନେ ଏ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ କିମ୍ବା ପୋଷାକ ପାଇପାରିନାହାନ୍ତି। ବହି ଅଭାବରୁ ପାଠପଢ଼ା ଆରମ୍ଭ ହୋଇପାରିଲା ନାହିଁ। ପୋଷାକ ବିନା ମଧ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଇପାରୁ ନାହାନ୍ତି। କିନ୍ତୁ ସରକାର ଉତ୍ସବରେ ମାତିଛନ୍ତି। "ପ୍ରବେଶ ଉତ୍ସବ" ଓ "ଖଡ଼ିଛୁଆଁ ଉତ୍ସବ" ପାଇଁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଓ ଶିକ୍ଷାବିଭାଗର ଅଧିକାରୀମାନେ ଉତ୍ସବମୁଖରିତ ହୋଇପଡ଼ିଛନ୍ତି। ଏହା ବାସ୍ତବ ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରବକ୍ତା କୃଷ୍ଣଚନ୍ଦ୍ର ପତି କହିଛନ୍ତି ଭାବରେ ଶ୍ରେଣୀ ଗୃହର ଅଭାବ, ଶିକ୍ଷକଙ୍କର ଅଭାବ, ବିଦ୍ୟୁତ ସଂଯୋଗର ଅଭାବ, ପିଇବାପାଣିର ଓ ଶୌଚାଳୟର ଅଭାବ ଦର୍ଶାଉଛି ଯେ ସରକାର ଛାତ୍ରଛାତ୍ରୀମାନଙ୍କୁ ନିତ୍ୟାବଶକୀୟ ମୌଳିକ ସୁବିଧା ଯୋଗାଇବାରେ କିଭଳି ବିଫଳ ହୋଇଛନ୍ତି। ଗତ ଶିକ୍ଷାବର୍ଷରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୧୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଫର୍ମଫିଲପ୍ କରିମଧ ପରୀକ୍ଷା ଦେବାରୁ ଅନୁପସ୍ଥିତ ରହିଥିଲେ। ଏହା ହେଉଛି ସରକାରୀ ତଥ୍ୟ କିନ୍ତୁ ବାସ୍ତବ ତଥ୍ୟ ଏହାଠାରୁ ଭିନ୍ନ। ଏଥିରୁ ସ୍ପଷ୍ଟ ବାରି ହେଉଛି ଯେ ସ୍କୁଲ ଡ୍ରପଆଉଟ୍ ହାରକୁ ନେଇ ସରକାର ରଖୁଥିବା ତଥ୍ୟ ଏବଂ ବାସ୍ତବ ଚିତ୍ର ମଧ୍ୟରେ ଅନେକ ପାର୍ଥକ୍ୟ ରହୁଛି। ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ପୁସ୍ତକ ଓ ପୋଷାକ ବଂଟନର ବ୍ୟବସ୍ଥା ଥିଲେ ମଧ୍ୟ ଗତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନେ ଆରମ୍ଭରୁ ୬ ମାସ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ଓ ବୋର୍ଡ ପରୀକ୍ଷା ପର୍ଯ୍ୟନ୍ତ ପୋଷାକ ପାଇପାରିଲେ ନାହିଁ। ରାଜ୍ୟରେ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ୭୦୦ ଟଙ୍କାର ବହିପତ୍ର ୭୦୦୦ ରେ ବିକ୍ରୀ ହେବା ଦୁର୍ଭାଗ୍ୟଜନକ ଓ ଏସବୁ ଜାଣି ମଧ ସରକାର ଆଖିବୁଜି ଦେବା କେଉଁଠି ନା କେଉଁଠି ଘରୋଇ ଶିକ୍ଷାନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଦର୍ଶାଉଛି। ତେଣୁ ଚଳିତ ବର୍ଷ ସିବିଏସଇ ବୋର୍ଡ ଓ ରାଜ୍ୟବୋର୍ଡ ଅଧିନରେ ମାଟ୍ରିକ ପରୀକ୍ଷା ଦେବାପାଇଁ ଥିବା ଛାତ୍ରଛାତ୍ରୀମାନେ ମଧ ଏପର୍ଯ୍ୟନ୍ତ ବହି ଖୋଲାବଜାରରୁ କିଣିପାରୁ ନାହାନ୍ତି, ଯଦିଓ ସେମାନଙ୍କର କ୍ଲାସ ଗତ ୧୫ ଦିନ ତଳୁ ଆରମ୍ଭ ହେଲାଣି। ଏକଥା ଦର୍ଶାଉଛି ଏହି ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ସହିତ ସରକାର ପ୍ରତାରଣା କରୁଛନ୍ତି। ଉଚ୍ଚଶିକ୍ଷା ପରିଷଦର ସ୍ଥାୟୀ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଏପର୍ଯନ୍ତ ହୋଇନଥିବାରୁ ଉଭୟ ଡଃ ଭୂୟାଁ ଓ ଶ୍ରୀ ପତି ଗଭୀର ଚିନ୍ତା ପ୍ରକଟ କରିଛନ୍ତି ଓ ସରକାରଙ୍କୁ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାପାଇଁ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅଭୟ ସାହୁ ଉପସ୍ଥିତ ଥିଲେ।

## ନିୟମିତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କଲେ ଜିଲ୍ଲାପାଳ

ଜୟପୁର, ୪ ଅପ୍ରେଲ (ହି.ସ.)- ଶିକ୍ଷା ଦେଶର ଭବିଷ୍ୟତ, ଖଡ଼ି ଛୁଆଁରେ ଅଭିଭାବକଙ୍କ ସହ ଛାତ୍ର ଛାତ୍ରୀ ଉପସ୍ଥିତ ଓ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ପାଳନ ହେଲା ଓଡ଼ିଆ ପକ୍ଷ ଦିବସର ଖଡିଛୁଆଁ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରକୁ ଲକ୍ଷ୍ୟ କରି 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିକ୍ଷାମୂଳକ ଓ ସାମ୍ପ୍ରଦାୟିକ କାର୍ଯ୍ୟକ୍ରମ ଉତ୍ସାହ ଓ ଆଡମ୍ବର ସହିତ ଆୟୋଜିତ ହେଉଛି। 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଗରିମାମୟ ଭାବରେ ପାଳିତ ହୋଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜାନ ପଡ଼ିଆଗୁଡା ବିଦ୍ୟାଳୟରେ ଉପସ୍ଥିତ ରହି 'ଖଡ଼ିଛୁଆଁ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନୂତନ ଶିକ୍ଷାବର୍ଷରେ ପ୍ରଥମେ ବିଦ୍ୟାଳୟକୁ ଆସୁଥିବା ଶିଶୁମାନଙ୍କୁ ଖଡ଼ି ଧରାଇ ତାଙ୍କ ଶିକ୍ଷା ଯାତ୍ରାର ଶୁଭ ଆରମ୍ଭ କରାଇଥିଲେ। ନିୟମିତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିବା ସହ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକର୍ଷିତ କରିବା ଓ ତାଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ଗୁରୁତ୍ୱ ବିଷୟରେ ମଧ ଉଲ୍ଲେଖ କରିଥିଲେ। ଅନ୍ୟ ପଟେ କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ ବଡ଼ ଚିନ୍ଦ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇ 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ନୂତନ ଭାବେ ଭର୍ତ୍ତି ହେଉଥିବା ଶିଶୁମାନଙ୍କୁ ସ୍ୱାଗତ କରି ପୁସ୍ତକ, ବ୍ୟାଗ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ବିତରଣ କରିଥିଲେ। ଏହା ସହ ଅଭିଭାବକମାନଙ୍କୁ ସନ୍ତାନମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବାକୁ ଆହ୍ୱାନ କରିଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ଉଲ୍ଲେଖନୀୟ ଉପସ୍ଥିତି ଦେଖାଯାଇଥିଲା। ଶିଶୁମାନଙ୍କ ମୁହଁରେ ଖୁସିର ହସ ଓ ଉତ୍ସାହ ଅବସରକୁ ଅଧିକ ମନୋରମ କରିଥିଲା। 'ଓଡ଼ିଆ ପକ୍ଷ' ଅବସରରେ ଏପରି କାର୍ଯ୍ୟକ୍ରମମାନେ ନୂତନ ପିଢ଼ୀକୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ସହ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ସମ୍ମାନ ଓ ଗୌରବବୋଧ ବଢ଼ାଇବାରେ ସହାୟକ ହେଉଛି।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୦୫/୪ (ନି.ପ୍ର): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଛନ୍ତି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ । ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡିଆ ଭର୍ଚୁଆଲ୍ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅଧିକାରୀମାନେ ସ୍ୱଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ୍ୟ ପାଠାଗାରକୁ ପ୍ରଦାନ କରିପାରିବେ ବୋଲି ରାଜସ୍ୱ ସଚିବ ଆଗ୍ରହ ପ୍ରକାଶ କରିଛନ୍ତି।

ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତମ ବ୍ୟବହାର ନିମନ୍ତେ ପାଠାଗାରରେ ମୋବାଇଲ୍ ଫୋନ୍ ର ବ୍ୟବହାର ଉପରେ ନିଷେଧାଦେଷ ଜାରି କରାଯାଇଛି । ନୂଆ ପାଠାଗାର ଉଦଘାଟନ ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଓଡିଆ ପକ୍ଷ ପାଳନ ଅବସରରେ କୋରାପୁଟରେ ଐତିହ୍ୟ ଗଣଦୌଡ଼

ଜୟପୁର, ୦୫/୪ (ନି.ପ୍ର): ଓଡିଆ ପକ୍ଷ ପାଳନ ଅବସରରେ କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଗଣଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।ଏଥିରେ ବରିଷ୍ଠ,ଭିନ୍ନକ୍ଷମ,ପୁରୁଷ ଓ ମହିଳା ମାନେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଭାଗରେ ତ୍ରିନାଥ ଗୁରୁ ,ବଳରାମ ପ୍ରଧାନ ଓ ସରୋଜ କୁମାର ରଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ନିର୍ମାଣ ବିଭାଗ ଅଧିନସ୍ଥ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୦୫/୪ (ନି.ପ୍ର): ଭିତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି । ବର୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି । ଶନିବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧିନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାଶ୍ୱର୍ରେ ସର୍ବନିମ୍ନ ସୁବିଧା ପାଇଁ 'ୱେ ସାଇଡ୍ ଆମିନିଟି ସେଂଟର' ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଶ୍ରୀ ଦୀପକ ରଞ୍ଜନ ଦାସ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ୍, ପ୍ଲାନିଂ ଓ କୋର୍ଡିନେସନ୍ ଇଂ ସମୀର ହୋତା, ଉପଦେଷ୍ଟା ଜେ.କେ. ଦାସ, ଇଆଇସି, ରୋଡସ୍ ଇଂ ଧ୍ୟାନଚାନ୍ଦ ନାୟକ, ଯୁଗ୍ମ ଶାସନ ସଚିବ ଶ୍ରୀ ଦୀପ୍ତିରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ

ଭୁବନେଶ୍ୱର, ୦୫/୪ (ନି.ପ୍ର): ସ୍ନାତକମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଏପ୍ରିଲ ୪ତାରିଖ ଶନିବାର ଦିନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟ (ଆଇଆଇଏମ) ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତନ ଉତ୍ସବରେ ଯୋଗଦେଇ ଭାରତରେ ଉଦ୍ୟମିତା ଏବଂ ନବସୃଜନର ବର୍ଦ୍ଧିତ ସୁଯୋଗ ଉପରେ ଆଲୋକପାତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାବର୍ତନ ଉତ୍ସବରେ ରାଜ୍ୟପାଳ ଉଦବୋଧନ ଦେଇ ଦେଶରେ 'ଅଭୂତପୂର୍ବ ଷ୍ଟାର୍ଟଅପ୍ ବିପ୍ଲବ' ଉପରେ ଆଲୋକପାତ କରି ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ଭଳି ପ୍ରମୁଖ ପଦକ୍ଷେପ ଦ୍ୱାରା ଏହା ପରିଚାଳିତ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସ୍ଥିର ଭାବରେ ଷ୍ଟାର୍ଟଅପ୍, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ବିଶ୍ୱରେ ଏକ କେନ୍ଦ୍ର ଭାବରେ ଉଭା ହୋଉଛି ଯାହା ପାଣ୍ଠି, ପରାମର୍ଶ ଏବଂ ନୀତି ସମର୍ଥନର ଏକ ଦୃଢ଼ ଇକୋସିଷ୍ଟମ୍ ଦ୍ୱାରା ସମର୍ଥିତ ହୋଇଛି।

ପ୍ରତିଷ୍ଠାନର କାର୍ଯ୍ୟାବଳୀକୁ ରାଜ୍ୟପାଳ ପ୍ରଶଂସା ପ୍ରକାଶ କରି ଆଇଆଇଏମ୍ ସମ୍ବଲପୁରକୁ ନବସୃଜନ, ସମାବେଶୀ ଏବଂ ଶୈକ୍ଷିକ ଉତ୍କର୍ଷତାର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ, ଯାହା ସାଂସ୍କୃତିକ ଐତିହ୍ୟକୁ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷା ସହିତ ସମିଶ୍ରଣ କରିଛି । ଏମବିଏ, ଏକଜିକ୍ୟୁଟିଭ୍ ଏମବିଏ, ଏମବିଏ ଫର ୱାରକିଂଗ ପ୍ରଫେସନାଲ ସ୍ନାତକମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ ଏବଂ ଅଧ୍ୟାପକ ଓ ଅଭିଭାବକଙ୍କ ଅବଦାନକୁ ମଧ ପ୍ରଶଂସା କରିଥିଲେ।

ଏତଦବ୍ୟତୀତ ଏହି ସମାବର୍ତନ ଉତ୍ସବ ସଫଳତା ଏବଂ ଦାୟିତ୍ୱ ଉଭୟକୁ ଚିହ୍ନିତ କରେ ବୋଲି ରାଜ୍ୟପାଳ କହିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଜ୍ଞାନକୁ ସଚ୍ଚୋଟତା ଏବଂ ଉଦ୍ଦେଶ୍ୟ ସହିତ ବିଶ୍ୱର ବାସ୍ତବ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରୟୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ସମୟ ଓ ପ୍ରଯୁକ୍ତିବିଦ୍ୟା ସହ ତାଳଦେଇ ଚାଲିବା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ ଏବଂ ନୋକିଆ କମ୍ପାନୀର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟା ପରିବର୍ତନ ସହିତ ତାଳ ଦେଇ ନପାରିବା କାରଣରୁ ବଜାର ପ୍ରାଧାନ୍ୟ ହରାଇଥିଲା ବୋଲି କହିଥିଲେ । ସେହିପରି ପରାଗ ଅଗ୍ରୱାଲଙ୍କ କଥା ମଧ ଉଲ୍ଲେଖ କରିଥିଲେ।, ଟ୍ୱିଟର ର ନେତୃତ୍ୱରୁ ହଟିଯିବା ପରେ ତାଙ୍କ ସ୍ଥିରତା ଏବଂ ନୂତନ ଉଦ୍ୟମ ମାଧ୍ୟମରେ ପୁନଃନିର୍ମାଣ ପାଇଁ ତାଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଏହିପରି ଉଦାହରଣ ଦର୍ଶାଇ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଅସଫଳତା ପରିବର୍ତ୍ତନକରି ନୂତନତ୍ୱ ଆଣିପାରେ ଏବଂ ଅଭିବୃଦ୍ଧିକୁ ସୁଯୋଗରେ ପରିଣତ କରିପାରେ ବୋଲି ରାଜ୍ୟପାଳ କହିଥିଲେ ।

ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏକ କେନ୍ଦ୍ର ଭାବରେ ଉଭାହେବା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ ଏବଂ ଉତ୍ପାଦନ, ଖଣି, ବୟନଶିଳ୍ପ, ଆଇଟି ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି ବୋଲି କହିଥିଲେ । ଏହି ସୁଯୋଗଗୁଡ଼ିକୁ ସଦୁପଯୋଗ କରି ରାଜ୍ୟର ବିକାଶରେ ଯୋଗଦାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

କୃତ୍ରିମ ବୁଦ୍ଧିମତା, ହାଇବ୍ରିଡ୍ କାର୍ଯ୍ୟ ମଡେଲ୍, ସ୍ଥାୟୀତ୍ୱ ଏବଂ ନୈତିକ ଶାସନ ସମେତ ବିକାଶଧାରା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରି ନେତୃତ୍ୱ ପାଇଁ ସହାନୁଭୂତିଶୀଳତା, ଗ୍ରହଣୀୟତା ଏବଂ ଭାବପ୍ରବଣ ବୁଦ୍ଧିମତାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ । ପ୍ରତିଷ୍ଠାନ ଏହାର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ଅଧିକ ମଜବୁତ କରିବାପାଇଁ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ପ୍ରକୃତ ସଫଳତା କେବଳ ବୃତିଗତ ସଫଳତାରେ ନୁହେଁ ବରଂ ମୂଲ୍ୟବୋଧ ଏବଂ ନିଜେ ସୃଷ୍ଟି କରୁଥିବା ପ୍ରଭାବରେ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସ୍ନାତକମାନେ ଜୀବନବ୍ୟାପୀ ଶିକ୍ଷାର୍ଥୀ ଏବଂ ସାମାଜିକ ପ୍ରଗତି ପାଇଁ ପ୍ରତିବଦ୍ଧତାର ସହ ଦାୟିତ୍ୱବାନ ହେବାକୁ ଉତ୍ସାହିତ କରିଥିଲେ।

ଏହି ସମାବର୍ତନ ଉତ୍ସବରେ ସମ୍ମାନିତ ଅତିଥିଭାବେ ଆଡୋବ ଇଣ୍ଡିଆର ଉପାଧ୍ୟକ୍ଷା ତଥା ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ବିବରଣୀ ଉପସ୍ଥାପନା କରିଥିବା ବେଳେ ବୋର୍ଡ ଅଫ୍ ଗଭର୍ଣ୍ଣରସର ଚେୟାରପର୍ସନ ଇନ-ଚାର୍ଯ୍ୟ ପ୍ରଫେସର ଚନ୍ଦନ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଏହି ଅବସରରେ ବିଭିନ୍ନ ବର୍ଗର କୃତୀ ସ୍ନାତକମାନଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

# ଉଚ୍ଚତା ଅନୁସାରେ ଆପଣଙ୍କ ଓଜନ କେତେ ରହିବା ଆବଶ୍ୟକ ?

ଶରୀରରେ ଉଚ୍ଚତା ଏବଂ ଓଜନ ଏକ ଶକ୍ତିଶାଳୀ ସମ୍ପର୍କ ବହନ କରେ । ଯେତେବେଳେ ଉଭୟଙ୍କ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଏ ତାହା ଶରୀରରେ ଦେଖାଦେଇଥାଏ । ହରମୋନରେ ସାମାନ୍ୟ ଅସମାନତା ଦେଖା ଦେଲେ ଆମ ଶରୀରର ଓଜନ ବଢ଼ିବା କିମ୍ବା କମିବାର ଲକ୍ଷ୍ୟ କରିଥିବେ । ମାତ୍ର ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ପାଇଁ ଏକ ସୁସ୍ଥ ଓଜନ ପରିସର ଜାଣିବା ଉଚିତ । ଏହା ଜାଣିବା ପାଇଁ ବିଜ୍ଞାନ ଏକ ଉପଯୁକ୍ତ ଉପାୟ ପ୍ରଦାନ କରେ । ଏଯାବତ୍ କୌଣସ ଏକକ ସଂପୂର୍ଣ୍ଣ ସଂଖ୍ୟା ନାହିଁ । ମାତ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହା ବଦଳରେ ଏକ ପରିସର ବ୍ୟବହାର କରନ୍ତି । ଏହି ପରିସର ବଡି ମାସ ଇଣ୍ଡେକ୍ସ ବା ଇଗଓ ରୁ ଆସିଥାଏ, ଯାହା ଓଜନକୁ ଉଚ୍ଚତା ସହିତ ତୁଳନା କରିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୧୮.୫ ଏବଂ ୨୪.୯ ମଧ୍ୟରେ ଇଗଓ ଦୀର୍ଘକାଳୀନ ରୋଗର ସର୍ବନିମ୍ନ ବିପଦ ସହିତ ଜଡିତ । ଏହି ପରିସର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ଦିଏ ନାହିଁ, କିନ୍ତୁ ଏହା ହୃଦରୋଗ ଏବଂ ଟାଇପ୍ ୨ ମଧୁମେହ ଭଳି ସମସ୍ୟାର ସମ୍ଭାବନାକୁ ହ୍ରାସ କରେ ।

ଉଚ୍ଚତା ହିସାବରେ ଶରୀରର ଓଜନ କଣ ରହିବା ଉଚିତ୍ ;

୫''୦'' (୧୫୨ସେମି): ୪୩-୫୭କେଜି
୫''୨''(୧୫୭ସେମି):୪୬-୬୦କେଜି
୫''୪'' (୧୬୩ସେମି):୪୯-୬୪କେଜି
୫''୬''(୧୬୮ସେମି) : ୫୨-୬୭କେଜି
୫''୮''(୧୭୩ସେମି): ୫୬-୭୨କେଜି
୫''୧୦'' (୧୭୮ସେମି) : ୫୯-୭୬କେଜି

ଏହି ସଂଖ୍ୟାଗୁଡ଼ିକ ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ BMI ଗଣନାରୁ ଆସିଛି । ଏଗୁଡ଼ିକ ଜନସଂଖ୍ୟା-ସ୍ତରୀୟ ସ୍ୱାସ୍ଥ୍ୟ ଧାରା ବର୍ଣ୍ଣନା କରନ୍ତି, ବ୍ୟକ୍ତିଗତ କୌଣସି ମୂଲ୍ୟ ନୁହେଁ । କମ୍ ଓଜନ ମଧ୍ୟ ଏପରି ବିପଦ ବହନ କରେ ଯାହା ପ୍ରତି କମ୍ ଧ୍ୟାନ ଦିଆଯାଏ । ହାଡ଼ର ଶକ୍ତି ହ୍ରାସ ପାଇପାରେ, ଯାହା ଦ୍ୱାରା ଫ୍ରାକ୍ଚର ବିପଦ ବଢ଼ିପାରେ । ଆଇରନ୍ ଏବଂ ଭିଟାମିନର ସ୍ତର ହ୍ରାସ ପାଇପାରେ, ଯାହା ଫଳରେ ଥକ୍କାପଣ ଏବଂ କେଶ ପତଳା ହୋଇପାରେ । ମହିଳାମାନଙ୍କ କ୍ଷେତ୍ରରେ, ବହୁତ କମ୍ ଓଜନ ମାସିକ ଋତୁଚକ୍ରକୁ ବାଧା ଦେଇପାରେ । ସ୍ୱାସ୍ଥ୍ୟ ହାଲୁକା ହେବା ବିଷୟରେ ନୁହେଁ ଆମ ଶରୀରର ଓଜନ ମାପକାଠି ଆମକି ଜଣାପଡ଼ିଥାଏ । ଏକ ଶକ୍ତି-ପ୍ରଶିକ୍ଷିତ ଶରୀର ଅଧିକ ଓଜନ ହୋଇପାରେ ଏବଂ ସୁସ୍ଥ ରହିପାରେ । ବୟସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ୪୦ ବର୍ଷ ପରେ, ମାଂସପେଶୀ ହ୍ରାସ ଓଜନକୁ ପରିବର୍ତ୍ତନ କରିପାରିବ ।



# ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାଷନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?



ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ। ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖାଦେଇପାରେ। ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ୍ୟ ସେତିକି ଜରୁରୀ ହୋଇଥାଏ। ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ। ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ: ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ। କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ।ଞ ବ୍ୟାୟାମରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର। ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ। ଶୋଇବାଠାରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଶୋଇବାର ଇଚ୍ଛା ଏକ ସାଧାରଣ କଥା। ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ। ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ।ଞ ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ: ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ। ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ। ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।ଞ ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ: ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।

# ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରାଣ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍ୱାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି । ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର ୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟୁକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁଟ୍‌ଡ୍ରପ୍ ବୋଲି କହଂନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଳାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ୍ୟ ସଫା କରିହୁଏ । ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ ।






# ଚେହେରାରେ କରନ୍ତୁ ନନ୍ ସର୍ଜିକାଲ୍ ଫେସିଆଲ : ଜାଣନ୍ତୁ ଏହାର ପଦ୍ଧତି ...

ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି । ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି । ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ।

ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହାଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନ୍ ?ସ୍କ୍ରନ୍ ? ଓ ମଇଷ୍ଟରାଇଜର ଲଗାନ୍ତୁ। ଆରଏଫ୍ ଚିକିତ୍ସା ର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।



# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# ପ୍ରତିଦିନ ପିଅନ୍ତୁ ଧନିଆ ପାଣି: ଓଜନ ହ୍ରାସ ସହ କମିବ ଥାଇରଏଡ୍



ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା କେବଳ ଥାଇରଏଡ୍ ଲକ୍ଷଣ କମ୍ ହୁଏ ନାହିଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟର ସନ୍ତୁଳନ ମଧ୍ୟ ଠିକ୍ ରହିଥାଏ। ଧନିଆ ପାଣି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲସ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ।

କେଶ ପାଇଁ ମଧ୍ୟ ଏହା ଉତ୍କୃଷ୍ଟ । ଏଥିରେ ଭିଟାମିନ୍ କେ, ସି ଏବଂ ଏ ଭରପୂର ମାତ୍ରାରେ ରହିଥାଏ। ଏହି ଭିଟାମିନ୍ କେଶକୁ ମଜଭୁତ କରିବା ସହ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ କେଶ ଝଡିବା ଏବଂ ଛିଡିବା ଭଳି ସମସ୍ୟା କମ ହୋଇଥାଏ ।

ଥାଇରଏଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଏହା ରାମବାଣ ସଦୃଶ କାମ କରିଥାଏ ବୋଲି କୁହାଯାଏ। ରିପୋର୍ଟ ଅନୁଯାୟୀ ଥାଇରଏଡ୍ ରୋଗୀଙ୍କ ପାଇଁ ଧନିଆ ଜଳ ବେଶ୍ ଲାଭଦାୟକ ହୋଇଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ଧନିଆରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ହ୍ରାସ କରିଥାଏ ଯାହା ଶରୀରର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ୫ ମିନିଟ୍ ଫୁଟାନ୍ତୁ। ପାଣି ଅଧା ହେବା ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ। ତା'ପରେ ଏହାକୁ ଛାଣି ପିଅନ୍ତୁ । ସାଧାରଣତଃ ଗର୍ଭବତୀ ମହିଳାମାନେ ଏହି ପାଣିକୁ କମ୍ ପିଇବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

# ବାଲେନଙ୍କ 'ଆକ୍ସନ୍ ମୋଡ୍' : ନେପାଳ ରାଜନୀତିରେ ସଂସ୍କାର ନା ଅସ୍ଥିରତାର ସୂତ୍ରପାତ ?

ନେପାଳର ରାଜନୈତିକ ଇତିହାସରେ ଏକ ନୂତନ ତଥା ଯୁଗାନ୍ତକାରୀ ଅଧ୍ୟାୟର ଆରମ୍ଭ ହୋଇଛି । ମାର୍ଚ୍ଚ ୨୭, ୨୦୨୬ ତାରିଖରେ ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବରେ ୩୫ ବର୍ଷୀୟ ବାଲେନ୍ଦ୍ର ଶାହ ବା ସାଧାରଣରେ ପରିଚିତ 'ବାଲେନ' ଶପଥ ଗ୍ରହଣ କରିବା ପରେ ଦେଶର ପାରମ୍ପରିକ ରାଜନୀତିର ମୂଳଦୁଆ ସମ୍ପୂର୍ଣ୍ଣ ରୂପେ ଦୋହଲି ଯାଇଛି । ଜଣେ ଯୁବ ନେତା ତଥା କାଠମାଣ୍ଡୁର ପୂର୍ବତନ ମେୟରରୁ ଦେଶର ସର୍ବୋଚ୍ଚ କ୍ଷମତାଶାଳୀ ପଦବୀରେ ପହଞ୍ଚିବା ପଛରେ ସେପ୍ଟେମ୍ବର ୨୦୨୫ ମସିହାର ରକ୍ତାକ୍ତ 'ଜେନ୍-ଜେଡ୍' (Gen Z) ବିଦ୍ରୋହ ଏବଂ ପୁରୁଣା ଶାସକ ଗୋଷ୍ଠୀ ପ୍ରତି ଲୋକଙ୍କ ତୀବ୍ର ଅସନ୍ତୋଷ ମୁଖ୍ୟ କାରଣ ସାଜିଛି । ତାଙ୍କ ନେତୃତ୍ୱାଧୀନ 'ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି' (RSP) ମାର୍ଚ୍ଚ ୫ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ୨୭୫ ଆସନ ବିଶିଷ୍ଟ ସଂସଦରେ ୧୮୨ଟି ଆସନ ଜିତି ଏକ ବିପୁଳ ତଥା ଐତିହାସିକ ଜନାଦେଶ ହାସଲ କରିଛି । ଏହି ବିପୁଳ ବିଜୟ କେବଳ ପୁରୁଣା ଦଳଗୁଡ଼ିକ ପ୍ରତି ଲୋକଙ୍କ ନିରାଶାକୁ ଦର୍ଶାଉନାହିଁ, ବରଂ ଉତ୍ତରଦାୟିତ୍ୱ, ସୁଶାସନ, ଦୁର୍ନୀତିମୁକ୍ତ ବ୍ୟବସ୍ଥା ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଏକ ସ୍ପଷ୍ଟ ଦାବି ଉପସ୍ଥାପନ କରୁଛି । କ୍ଷମତା ଗ୍ରହଣ କରିବାର ପ୍ରଥମ ସପ୍ତାହରେ ହିଁ ବାଲେନ ଯେଉଁଭଳି ଦ୍ରୁତ, ଆକ୍ରମଣାତ୍ମକ ଏବଂ ଅପ୍ରତ୍ୟାଶିତ ନିଷ୍ପତ୍ତିମାନ ନେଇଛନ୍ତି, ତାହା ଗୋଟିଏ ପଟେ ଦେଶରେ ସୁଶାସନର ନୂତନ ଆଶା ସଞ୍ଚାର କରିଥିବା ବେଳେ, ଅନ୍ୟପଟେ ତାଙ୍କର କାର୍ଯ୍ୟଶୈଳୀ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନେଇ କିଛି ଗମ୍ଭୀର ପ୍ରଶ୍ନ ମଧ୍ୟ ଛିଡ଼ା କରିଛି ।

ଏହି ଅଭୂତପୂର୍ବ ରାଜନୈତିକ ପରିବର୍ତ୍ତନର ପୃଷ୍ଠଭୂମିକୁ ଗଭୀର ଭାବରେ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହା ହେଉଛି ବର୍ଷ ବର୍ଷ ଧରି ଜମି ରହିଥିବା ପ୍ରଶାସନିକ ବିଫଳତାର ପରିଣାମ । ସେପ୍ଟେମ୍ବର ୨୦୨୫ ରେ ହୋଇଥିବା ଯୁବ ବିଦ୍ରୋହ ସମୟରେ ଦୁଇ ଦିନର ଅଶାନ୍ତି ମଧ୍ୟରେ ଅତି କମରେ ୭୬ ଜଣ ଲୋକଙ୍କର ପ୍ରାଣହାନି ଘଟିଥିଲା । ଏହି ଘଟଣା ଦେଶରେ ଏକ ବିରାଟ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି କରିଥିଲା, ଯାହାକୁ ବାଲେନ ଏବଂ ତାଙ୍କ ଦଳ ସଫଳତାର ସହ ପୂରଣ କରିପାରିଛନ୍ତି । ନିର୍ବାଚନ ସମୟରେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବାଲେନ ସରକାର ପ୍ରଥମ ଦିନରୁ ହିଁ ତତ୍ପରତା ଦେଖାଇଛନ୍ତି । ମାର୍ଚ୍ଚ ୨୭ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ ସେପ୍ଟେମ୍ବର ୮ ଏବଂ ୯ ତାରିଖର ହିଂସାକାଣ୍ଡର ତଦନ୍ତ ପାଇଁ ଗଠିତ କମିଶନଙ୍କ ରିପୋର୍ଟକୁ ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସୁଶିଳା କାର୍କିଙ୍କ ଅନ୍ତରୀଣ ସରକାର ସମୟରେ ଗଠିତ ଏବଂ ପୂର୍ବତନ ସ୍ୱତନ୍ତ୍ର ଅଦାଲତର ବିଚାରପତି ଗୌରୀ ବାହାଦୁର କାର୍କିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କମିଶନଙ୍କ ରିପୋର୍ଟ ଆଧାରରେ ସରକାର ନିଜର ପ୍ରଥମ ବଡ଼ ପଦକ୍ଷେପ ନେଇଥିଲେ ।

ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବାର ପରଦିନ ସକାଳେ ହିଁ ପୂର୍ବତନ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲି ଏବଂ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ନେପାଳ ପୋଲିସ ଗିରଫ କରିବା ଘଟଣା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା । କମିଶନଙ୍କ ସୁପାରିଶ କ୍ରମେ ଜାତୀୟ ପେନାଲ୍ କୋଡର ଧାରା ୧୮୧ ଏବଂ ୧୮୨ ଅନୁଯାୟୀ ଅପରାଧିକ ଅବହେଳା କାରଣରୁ ମୃତ୍ୟୁ ଘଟାଇଥିବା ଅଭିଯୋଗରେ ଏହି ଗିରଫଦାରୀ ହୋଇଥିଲା । ଦକ୍ଷିଣ ଏସିଆର ରାଜନୀତିରେ ଏହା ଏକ ବିରଳ ଘଟଣା, ଯେଉଁଠାରେ ରାଷ୍ଟ୍ରର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର କାର୍ଯ୍ୟକାଳ ସମୟରେ ହୋଇଥିବା ରାଷ୍ଟ୍ରୀୟ ହିଂସା ପାଇଁ ଆଇନଗତ ଭାବେ ଉତ୍ତରଦାୟୀ କରାଯାଇଛି । ଏହା ସହିତ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇ ସରକାର ତିନିଜଣ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବେଆଇନ ଅର୍ଥ କାରବାର ବା ମନି ଲଣ୍ଡରିଂ ତଦନ୍ତ ମଧ୍ୟ ଆରମ୍ଭ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ନୂଆ ନେପାଳରେ କେହି ବି ଆଇନର ଊର୍ଦ୍ଧ୍ୱରେ ନୁହଁନ୍ତି ଏବଂ ରାଜନୈତିକ କ୍ଷମତା ଆଉ ଅପରାଧିକ କାର୍ଯ୍ୟକଳାପ ପାଇଁ ସୁରକ୍ଷା କବଚ ହୋଇପାରିବ ନାହିଁ ।

ଏହି ଉତ୍ତରଦାୟିତ୍ୱର ପରିସର କେବଳ ଶୀର୍ଷ ରାଜନୈତିକ ପ୍ରତିନିଧିମାନଙ୍କ ମଧ୍ୟରେ ସୀମିତ ନାହିଁ । ନୂତନ ସରକାର ଆର୍ଥିକ ଅପରାଧ ଏବଂ ସାଧାରଣ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି । ପ୍ରାପ୍ତ ତଥ୍ୟ ଅନୁଯାୟୀ, ରାଜଧାନୀ କାଠମାଣ୍ଡୁର ବିଭିନ୍ନ ସ୍ଥାନରେ ରାତ୍ରିଚଢ଼ାଉ କରାଯାଇ ଗୁଣ୍ଡାଗର୍ଦ୍ଦି, ଭଙ୍ଗାରୁଜା ଏବଂ ଠକେଇ ଅଭିଯୋଗରେ ୧୯୫ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏହି ପଦକ୍ଷେପଗୁଡ଼ିକର ଏକ ବୃହତ୍ତର ଆନ୍ତର୍ଜାତିକ ପୃଷ୍ଠଭୂମି ମଧ୍ୟ ରହିଛି । ଆର୍ଥିକ ଅପରାଧ ଏବଂ ମନି ଲଣ୍ଡରିଂ ରୋକିବା ପାଇଁ ନେପାଳ ଉପରେ କ୍ରମାଗତ ଆନ୍ତର୍ଜାତିକ ଚାପ ରହିଆସିଥିବା ବେଳେ, ବାଲେନଙ୍କ ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦେଶର ଭାବମୂର୍ତ୍ତିକୁ ସୁଧାରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି । ଏହା ସହିତ ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଏବଂ ଦକ୍ଷତା ଆଣିବା ପାଇଁ ସରକାର ଏକ ୧୦-ଦିନିଆ ଏବଂ ୧୦୦-ବିନ୍ଦୁ ବିଶିଷ୍ଟ କାର୍ଯ୍ୟଖସଡ଼ା ଘୋଷଣା କରିଛନ୍ତି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନିକ ସଂସ୍କାର, ତ୍ୱରିତ ସେବା ପ୍ରଦାନ ଏବଂ ଡିଜିଟାଲ ଗଭର୍ଣ୍ଣାନ୍ସକୁ ତୃଣମୂଳ ସ୍ତରରେ ପହଞ୍ଚାଇବା, ଯାହାକି ଏକ ଆଧୁନିକ ତଥା ପ୍ରଯୁକ୍ତିବିଦ୍ୟା-ଚାଳିତ ଶାସନ ବ୍ୟବସ୍ଥାର ମୂଳଦୁଆ ପକାଇବ ।

ତେବେ ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନଗୁଡ଼ିକର ଏକ ଅନ୍ଧକାର ଦିଗ ମଧ୍ୟ ରହିଛି, ଯାହାକୁ ନେଇ ଆଇନଜୀବୀ ଏବଂ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରୁଛନ୍ତି । ନେପାଳ ପୋଲିସ ଦ୍ୱାରା ଅତି ପ୍ରତ୍ୟୁଷରୁ ଚଢ଼ାଉ କରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଗିରଫ କରିବା ପ୍ରକ୍ରିୟାରେ ଆଇନଗତ ବିଧିବ୍ୟବସ୍ଥା ବା ଡ୍ୟୁ ପ୍ରୋସେସ୍ କୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି । ନେପାଳୀ କଂଗ୍ରେସ, ଯାହାର ବରିଷ୍ଠ ନେତା ରମେଶ ଲେଖକ ଓଲିଙ୍କ ମେଣ୍ଟ ସରକାରରେ ଗୃହମନ୍ତ୍ରୀ ଥିଲେ, ଏହି ଘଟଣାର ଏକ ନିରପେକ୍ଷ ତଥା ସ୍ୱଚ୍ଛ ତଦନ୍ତ ଦାବି କରିଛି ଏବଂ ନେପାଳୀ କମ୍ୟୁନିଷ୍ଟ ପାର୍ଟି ମଧ୍ୟ ସମାନ ସ୍ୱର ଉତ୍ତୋଳନ କରିଛି । ସବୁଠାରୁ ବଡ଼ ସମାଲୋଚନା ହେଉଛି ସରକାରଙ୍କ ପାତରଅନ୍ତର ବା ପକ୍ଷପାତିତା ନୀତି । ସେପ୍ଟେମ୍ବର ୮ ତାରିଖରେ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଆନ୍ଦୋଳନକାରୀଙ୍କ ପାଇଁ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, କିନ୍ତୁ ସେପ୍ଟେମ୍ବର ୯ ତାରିଖରେ ଆନ୍ଦୋଳନକାରୀଙ୍କ ଦ୍ୱାରା ସୁପ୍ରିମକୋର୍ଟ, ସଂସଦ ଭବନ ଏବଂ ସିଂହଦରବାର ଭଳି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ପତ୍ତି ପୋଡ଼ିଦେବା ଘଟଣାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇଛି । ଦୁର୍ନୀତି ନିବାରଣ ଏବଂ ନ୍ୟାୟ ପ୍ରଦାନ ନାମରେ ଏଭଳି ଏକତରଫା କାର୍ଯ୍ୟାନୁଷ୍ଠାନ ଏକ ନୂତନ ଏକଛତ୍ରବାଦୀ ଶାସନର ପଦଧ୍ୱନି ହୋଇପାରେ ବୋଲି ଅନେକ ରାଜନୈତିକ ସମୀକ୍ଷକ ଆଶଙ୍କା ବ୍ୟକ୍ତ କରୁଛନ୍ତି ।

ଆଭ୍ୟନ୍ତରୀଣ ରାଜନୀତିର ଏହି ଝଡ଼ ବ୍ୟତୀତ ବାଲେନ ସରକାରଙ୍କ ସମ୍ମୁଖରେ ଅର୍ଥନୈତିକ ଏବଂ କୂଟନୈତିକ ସନ୍ତୁଳନ ରକ୍ଷା କରିବା ଏକ ବିରାଟ ଆହ୍ୱାନ ଭାବରେ ଉଭା ହୋଇଛି । ଏକ ଆମଦାନୀ-ନିର୍ଭରଶୀଳ ଏବଂ ବିଦେଶୀ ରେମିଟାନ୍ସ ଉପରେ ତିଷ୍ଠି ରହିଥିବା ନେପାଳର ଅର୍ଥନୀତି ବର୍ତ୍ତମାନ ଘୋର ସଙ୍କଟ ଦେଇ ଗତି କରୁଛି ଏବଂ ଯୁବପିଢ଼ିଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ପାଇଁ ଏକ କଠିନ ପରୀକ୍ଷା ହେବ । ବୈଦେଶିକ ନୀତି କ୍ଷେତ୍ରରେ ମଧ୍ୟ ନୂତନ ସରକାରଙ୍କୁ ଅତ୍ୟନ୍ତ ସତର୍କତାର ସହ ପାଦ ପକାଇବାକୁ ପଡ଼ିବ । ପୂର୍ବତନ ପ୍ରଧାନମନ୍ତ୍ରୀ ଓଲିଙ୍କୁ ଗିରଫ କରିବା ପରେ ପଡ଼ୋଶୀ ରାଷ୍ଟ୍ର ଚୀନ୍ ଏବଂ ଭାରତ ସହିତ କୂଟନୈତିକ ସମ୍ପର୍କକୁ କିପରି ସନ୍ତୁଳିତ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି । କେବଳ ଉଗ୍ର ଜାତୀୟତାବାଦ ବା ଲୋକପ୍ରିୟ ସ୍ଲୋଗାନ ଦେଇ ଦେଶର ବୃହତ୍ ଅର୍ଥନୈତିକ ବିକାଶ ସମ୍ଭବ ନୁହେଁ, ଏଥିପାଇଁ ଏକ ବାସ୍ତବବାଦୀ, ସୁଚିନ୍ତିତ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତିର ଆବଶ୍ୟକତା ରହିଛି । ସରକାରୀ କଳକୁ ନିଜ ନିୟନ୍ତ୍ରଣକୁ ଆଣିବା ଯେତିକି ସହଜ, ତାହାକୁ ସୁଚାରୁ ରୂପେ ପରିଚାଳନା କରି ଦେଶର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ସେତିକି କଷ୍ଟକର । ପରିଶେଷରେ, ବାଲେନ ଶାହଙ୍କ ପ୍ରଥମ ସପ୍ତାହର କାର୍ଯ୍ୟକଳାପ ନେପାଳ ପାଇଁ ଏକ ନୂତନ ଏବଂ ସାହସିକ ଦିଗ୍‌ଦର୍ଶନ ଆଣିଛି ସତ, କିନ୍ତୁ ଏହା ସମ୍ପୂର୍ଣ୍ଣ ବିବାଦମୁକ୍ତ ନୁହେଁ । ଦେଶର ଯୁବଗୋଷ୍ଠୀ ଏବଂ ସାଧାରଣ ଜନତା ଯେଉଁ ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇଛନ୍ତି, ତାହା କେବଳ ପ୍ରତିଶୋଧମୂଳକ ଗିରଫଦାରୀ ବା ଚମକପ୍ରଦ ଖବର ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ପ୍ରକୃତ ସୁଶାସନ ହେଉଛି ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ନିରପେକ୍ଷ ନ୍ୟାୟିକ ପ୍ରକ୍ରିୟା ଏବଂ ସମସ୍ତଙ୍କ ପାଇଁ ସମାନ ଆଇନର ପ୍ରୟୋଗ । ଯଦି ନୂତନ ସରକାର ନିଜର ଆକ୍ରମଣାତ୍ମକ ଦୁର୍ନୀତି ବିରୋଧୀ ଅଭିଯାନ ସହିତ ଆଇନଗତ ସ୍ୱଚ୍ଛତା ଏବଂ ସାମ୍ବିଧାନିକ ମର୍ଯ୍ୟାଦାକୁ ବଜାୟ ରଖିବାରେ ସଫଳ ହୁଅନ୍ତି, ତେବେ ନେପାଳ ପ୍ରକୃତରେ ଏକ ସୁଦୃଢ଼ ଗଣତନ୍ତ୍ର ଆଡ଼କୁ ଅଗ୍ରସର ହେବ। ନଚେତ୍, ଏହି ଦ୍ରୁତ କାର୍ଯ୍ୟାନୁଷ୍ଠାନଗୁଡ଼ିକ କେବଳ ଏକଛତ୍ରବାଦର ଏକ ନୂତନ ରୂପ ଭାବରେ ଇତିହାସରେ ଲିପିବଦ୍ଧ ହୋଇ ରହିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଏହି ସନ୍ତୁଳନ ହିଁ ନିର୍ଦ୍ଧାରଣ କରିବ ଯେ ବାଲେନ ପ୍ରକୃତରେ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ରନାୟକ ନା କେବଳ ଲୋକପ୍ରିୟତାର ଲହରୀରେ ଭାସି ଆସିଥିବା ଆଉ ଜଣେ ସାଧାରଣ ରାଜନେତା।

## ଧ୍ୱନି ପ୍ରତିଧ୍ୱନି

# ଇତିହାସ ପୃଷ୍ଠାରୁ କିଛି ରଣନୀତି



**ବିଷ୍ଣୁ ପ୍ରସାଦ ଦାସ**

ସେଦିନ ଥିଲା ୧୫ ଅଗଷ୍ଟ ୧୯୭୧ ମସିହା, ସ୍ଥାନ ପୂର୍ବ ପାକିସ୍ତାନର ଚଟ୍ଟଗ୍ରାମ୍, ମଙ୍ଗଳା , ଚାନ୍ଦପୁର ଏବଂ ନାରାୟନଗଞ୍ଜ ବନ୍ଦରରେ ଅପରେସନ ଜ୍ୟାକ୍ ପଟ୍ (**Operation Jackpot 1971: How India Secretly Destroyed 45 Pakistani Ships through Mukti Bahini comandos)** ଆରମ୍ଭ ହୋଇଥିଲା । ଅଗଷ୍ଟ ୧୪ ପାକିସ୍ତାନୀ ସେନା ତାଙ୍କର ସ୍ୱାଧୀନତା ଦିବସ ପାଳନ କରି ସାରି ବିଶ୍ରାମ ନେଉ ଥିଲେ । ଠିକ୍ ସେହି ସମୟରେ ଏକ ବିରାଟ ଅଘଟଣ ଘଟିଗଲା ଯାହା ତାଙ୍କ କଳ୍ପନାର ବହାରେ ଥିଲା । ମାର୍ଚ୍ଚ ୧୯୭୧ ପୂର୍ବ ପାକିସ୍ତାନର ଜନତା ନିଜର ଅଧିକାର ସାବ୍ୟସ୍ତ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପୂର୍ବ ପାକିସ୍ତାନକୁ ଏକ ନୂତନ ଦେଶରେ ପରିଣତ କରିବାକୁ ଶେଖ୍ ମୁଜିବୁର୍ ରେହେମାନଙ୍କ ନେତୃତ୍ୱରେ ମୁକ୍ତି ବାହିନୀ ଗଠନ ହୋଇ ଥିଲା । ମୁକ୍ତି ବାହିନୀ ପାକିସ୍ତାନୀ ସୈନ୍ୟ ବାହିନୀକୁ ପ୍ରତିରୋଧ କରୁଥିଲେ । ଅପରେସନ୍ ସର୍ଚ୍ଚଲାଇଟ୍ ଜରିଆରେ ପାକିସ୍ତାନୀ ସେନାର ଅକଥନୀୟ ଅତ୍ୟାଚାର ସହି ନପାରି ୧ କୋଟିରୁ ଉର୍ଦ୍ଧ ଶରଣାର୍ଥୀ ଦେଶ ଛାଡ଼ି ଭାରତକୁ ପଳାଇ ଆସିଥିଲେ। ସେମାନଙ୍କ ମନ ଭିତରେ ପାକିସ୍ତାନ ସରକାରଙ୍କ ପ୍ରତି ଘୃଣା ଭାବ ଜାତ ହୋଇଥିଲା। ନିଜ ମା' ଭଉଣୀଙ୍କ ଉପରେ ହେଉଥିବା ପାଶବିକ ଅତ୍ୟାଚାର ସେମାନେ ସହ୍ୟ କରିବା ଅବସ୍ଥାରେ ନଥିଲେ । ଅଗଷ୍ଟ ୧୪ ମଧ୍ୟ ରାତ୍ରି ଚଟ୍ଟଗ୍ରାମ୍, ମଙ୍ଗଳା, ଚାନ୍ଦପୁର ଏବଂ ନାରାୟନଗଞ୍ଜ ବନ୍ଦରରେ ଅନେକ ବଡ଼ ବଡ଼ ଜାହାଜ ଲଂଗର ପକାଇ ରହି ଥିଲା। ସେଥିମଧ୍ୟରୁ କିଛି ଆମେରିକୀୟ, କିଛି ଚୀନର ଜାହାଜ ଅସ୍ତ୍ରଶସ୍ତ୍ର ଧରି ଆସିଥିଲା। ଅନ୍ୟ ଜାହାଜ ଗୁଡିକରେ ପଣ୍ୟ ଦ୍ରବ୍ୟ ବୋଝେଇ ହୋଇ ଥିଲା ଯାହାକି ପରଦିନ ଖାଲି କରାଯିବାର ଲକ୍ଷ ରଖା ଯାଇ ଥିଲା । ବନ୍ଦରର ସୁରକ୍ଷା ଖୁବ୍ ମଜଭୁତ ଥିଲା, ଅସ୍ତ୍ର ଶସ୍ତ୍ର ସହିତ ସର୍ଚ୍ଚ ଲାଇଟ୍ ପକାଇ ପାକିସ୍ତାନୀ ସୈନ୍ୟ ବନ୍ଦରକୁ ଜଗି ରହିଥିଲେ । କିନ୍ତୁ ଭାଗ୍ୟର ବିଡମ୍ବନା ସେହି କାଳ ରାତ୍ରିରେ ପାକିସ୍ତାନୀ ସୈନ୍ୟଙ୍କ ଉପସ୍ଥିତିରେ ୪୫ ଟି ଜଳ ଜାହାଜ ଧ୍ୱଂସ ହୋଇଗଲା କେହି କିଛି କରି ପାରିଲେ ନାହିଁ । ପଶ୍ଚିମ ପାକିସ୍ତାନର ବୈମାତୃକ ଭାବ ଯୋଗୁ ପୂର୍ବ ପାକିସ୍ତାନର ନେତାମାନେ ଶାସନ କରିବାର ସୁବିଧା ପାଉ ନଥିଲେ। ଏପରିକି ନିର୍ବାଚନରେ ଜିତି ମଧ୍ୟ ଶେଖ୍ ମୁଜିବୁର୍ ରେହେମାନଙ୍କ ପ୍ରାର୍ଥୀତ୍ୱକୁ ନାକଚ କରି ଦିଆ ଗଲା । ପୂର୍ବ ପାକିସ୍ତାନର ବଙ୍ଗାଳି ଅଧିବାସୀ ଏହାର ଘୋର ବିରୋଧ କଲେ । ଫଳରେ ସେମାନଙ୍କୁ ଦମନ କରିବାକୁ ପଶ୍ଚିମ ପାକିସ୍ତାନରୁ ସୈନ୍ୟ ଆସି ପୂର୍ବ ପାକିସ୍ତାନର ଜନତାଙ୍କ ଉପରେ ଅକଥନୀୟ ଆକ୍ରମଣ ସହିତ ନରହତ୍ୟା, ଲୁଣ୍ଠନ, ନାରୀ ମାନଙ୍କୁ ନିର୍ଯାତନା ଦେଉଥିଲେ । ଭାରତ ଏହି ନର ସଂହାରକୁ ଦେଖି ଅନ୍ତର୍ଜାତୀୟ ନିୟମକୁ ମାନି କିଛି କରି ପାରୁ ନଥିଲା । ତେବେ ପାକିସ୍ତାନକୁ ଏକ ଶିକ୍ଷା ଦେବା ପାଇଁ ଭାରତ ଅପରେସନ୍ ଜ୍ୟାକ୍ ପଟ୍ ଆରମ୍ଭ କରିଥିଲା ଏହା ଖୁବ୍ ଚତୁରତାର ସହିତ ଗୁପ୍ତ ଭାବେ ପରିଚାଳିତ ହେଲା । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏହାର କାର୍ଯ୍ୟ ୧୯୭୧ ମସିହା ମାର୍ଚ୍ଚ ମାସରୁ ଗୁପ୍ତରେ ଆରମ୍ଭ ହୋଇ ଯାଇଥିଲା । ଏକ ସୁଚିନ୍ତିତ ପରିକଳ୍ପନାକୁ ରୂପ ଦେବା ନିମନ୍ତେ ନୂଆଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ନୌସେନାର ଜଣେ ବୁଦ୍ଧିମାନ ଅଧିକାରୀ କ୍ୟାପଟେନ୍ ମିହିର ରାଏ ଏବଂ ନୌସେନାର ଆଡ୍ ମୀରାଲ୍ ଏସ ଏମ ନନ୍ଦା ମିଶି ଏକ ଯୋଜନା ପ୍ରସ୍ତୁତ କରିଥିଲେ । ସେମାନେ ପାକିସ୍ତାନୀ ସୈନ୍ୟଙ୍କ ଯାତାୟାତର ପ୍ରଧାନ ମାର୍ଗ ଜଳପଥକୁ ଯଦି ବନ୍ଦ କରି ଦେବାକୁ ସମର୍ଥ ହେବେ ତେବେ ପାକିସ୍ତାନୀ ସୈନ୍ୟ ମାନେ ନିଶ୍ଚିତ ଭାବେ ପରାଜୟର ଶିକାର ହେବେ ବୋଲି ଧରି ନେଇଥିଲେ। ଯୋଜନା ପ୍ରସ୍ତୁତ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସ୍ଥଳସେନା ମୁଖ୍ୟ ସାମ୍ ମନେକ୍ସଙ୍କ ସହିତ ଆଲୋଚନା କରି ଯୋଜନା କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ତେବେ କଥା ଥିଲା, ଭାରତୀୟ ସୈନିକ ଏହି ମିଶନ୍ ରେ ସିଧାସଳଖ ଯୋଗ ଦେବେ ନାହିଁ। କମାଣ୍ଡର ଏମ୍ ଏନ୍ ସାଓ୍ୱନ୍ତଙ୍କୁ ସେହି ଯୋଜନା କାର୍ଯ୍ୟକାରି କରିବାକୁ ପୂର୍ଣ୍ଣ ମାତ୍ରାରେ ଦାୟିତ୍ୱ ଦିଆ ଯାଇଥିଲା । କିଛି ଉଦୀୟମାନ ପ୍ରତିଶୋଧ ପରାୟଣ ଯୁବ ଶରଣାର୍ଥୀମାନଙ୍କୁ ଚୟନ କରାଯାଇ ତାଙ୍କୁ କଠୋରରୁ କଠୋର ଭାବେ ପ୍ରଶିକ୍ଷଣ ଦିଆ ଯାଇଥିଲା । ତେବେ ବିଲେଇ କପାଳକୁ ସିକା ଛିଡ଼ିବା ପରି ସେହି ସମୟରେ ଫ୍ରାନ୍ସର ଏକ ବନ୍ଦରରେ ପାକିସ୍ତାନୀ ବୁଡ଼ା ଜାହାଜ ଠିଆ ହୋଇ ଥିଲା, ସେଥିରେ କିଛି ବଙ୍ଗାଳି ନୌସେନା ଅଧିକାରୀ ଥିଲେ। ସେମାନେ ପାକିସ୍ତାନୀ ସୈନ୍ୟଙ୍କ ବଙ୍ଗାଳୀଙ୍କ ଉପରେ ହେଉଥିବା ବର୍ବରୋଚିତ ଆକ୍ରମଣ ବିଷୟ ରେ ରେଡିଓରୁ ଜାଣି ବ୍ୟଥିତ ହେଲେ । ଅବଦୁଲ ଓ୍ୱାହିଦ୍ ଚୌଧୁରୀ ଏବଂ ତାଙ୍କର ଆଉ ସାତଜଣ ବଙ୍ଗାଳି ଅଫିସର୍ ପାକିସ୍ତାନୀଙ୍କୁ ବିରୋଧ କରି ବୁଡ଼ା ଜାହାଜ ଛାଡ଼ି ଫ୍ରାନ୍ସରୁ ସ୍ପେନ ଚାଲିଗଲେ। ସେଠାରୁ ସେମାନେ ଭାରତୀୟ ଦୂତାବାସ ସହଯୋଗରେ ଭାରତ ପହଞ୍ଚି ଗଲେ । 'ଦି ଏଇଟ୍ ସବ୍ ମାରିନର 'ନାମରେ ଏମାନେ ପରିଚୟ ଲାଭ କରି ଥିଲେ। ପାକିସ୍ତାନୀ ନୌସେନାର ସବୁ ଦୁର୍ବଳତା ବିଷୟରେ ସେମାନଙ୍କୁ ପୁଙ୍ଖାନୁପୁଙ୍ଖ ଜଣାଥିଲା । ଅପରେସନ୍ ଜ୍ୟାକ୍ ପଟ୍‌ର ସଫଳତା ପଛରେ ଏହି ଆଠ ଜଣ ବିଦ୍ରୋହୀ ପାକିସ୍ତାନୀ ନୌସେନାଙ୍କ ଅର୍ଦ୍ଧାଧିକ ଅବଦାନ ଥିଲା ବୋଲି ଧରି ନେବାକୁ ହେବ । ମେ' ୧୯୭୧ ପଶ୍ଚିମ ବଙ୍ଗର ମୁର୍ଶିଦାବାଦ୍ ଜିଲ୍ଲାର ଭାଗିରଥି ନଦୀ କୂଳରେ ଐତିହାସିକ ପଲାସୀ ଠାରେ 'କ୍ୟାମ୍ପ ପଲାସୀ' ନାମରେ ଗୁପ୍ତ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ପ୍ରାୟ ୫୦୦ ବଙ୍ଗାଳି ଶରଣାର୍ଥୀ ଯୁବକଙ୍କୁ ଚୟନ କରା ଯାଇଥିଲା । ସେମାନଙ୍କୁ ସନ୍ତରଣ, ଜଳରେ ଘଣ୍ଟା ଘଣ୍ଟା ବୁଡ଼ିବାର କୌଶଳ ତଥା ତାଙ୍କ ଜନ୍ମ ମାଟିର ସ୍ୱାଧୀନତା ନିମନ୍ତେ ପ୍ରାଣ ବଳୀ ଦେବାକୁ ପ୍ରଶିକ୍ଷଣ ଦିଆ ଯାଇଥିଲା । ଏଇଟ୍ ସବ୍ ମାରିନର ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରୁଥିଲେ। ଯେଉଁ ମାନେ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ 'ଲିଂପୀଡ୍ ମାଇନ୍' କିପରି ଲଗାଇବେ ଏବଂ ଏହାକୁ କିପରି ସକ୍ରିୟ କରି ବିସ୍ଫୋରଣ ପୂର୍ବରୁ ନିରାପଦ ସ୍ଥାନକୁ ଫେରି ଆସିବେ ପ୍ରଶିକ୍ଷଣ ଦିଆ ଯାଇଥିଲା। ଟିକେ ଅସାବଧାନତାରୁ ହୁଏତ ନିଜ ଶରୀର ଖଣ୍ଡ ବିଖଣ୍ଡିତ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଯିବା ସମ୍ଭବ ନଥିଲା । ତଥାପି ମୁକ୍ତି ବାହିନୀ / ସେନାର ପ୍ରତିଶୋଧ ପରାୟଣ ଯୁବକ ମାନେ ନିଜ ମାତୃଭୂମିର ସ୍ୱାଧୀନତା ନିମନ୍ତେ ନିଜକୁ ଅପରେସନ୍ ଜ୍ୟାକ୍ ପଟ୍ ରେ ସାମିଲ କରିଥିଲେ । ଏହି କମାଣ୍ଡୋ ମାନେ ଦୀର୍ଘ ପଥ ଜଳ ଭିତରେ ବୁଡି ବୁଡି ଯାଇ ଜାହାଜ ତଳେ ଲିଂପୀଡ୍ ମାଇନ୍ ଲଗାଇ ତାକୁ ପିନ୍ ଖୋଲି କାର୍ଯ୍ୟକ୍ଷମ କରି ପୁନର୍ବାର ନିରାପଦରେ ଫେରି ଆସିବାର କୌଶଳ ଶିଖି ଯାଇଥିଲେ । ଏହି ଲିଂପୀଡ୍ ମାଇନ୍ ସମୁଦ୍ର ଜଳର ଉତ୍ତାପକୁ ପାଥେୟ କରି ୪୫ ମିନିଟ ରୁ ଦୁଇ ଘଣ୍ଟା ମଧ୍ୟରେ ଭୟଙ୍କର ବିସ୍ଫୋରଣ ହୁଏ ।

ଅନେକ ପ୍ରତୀକ୍ଷା ପରେ ଅଗଷ୍ଟ ମାସ ଆସିଗଲା ଚାରିଆଡେ ବର୍ଷା, ନଦୀ ଜଳରେ ପରିପୂର୍ଣ୍ଣ ହୋଇଗଲା । ପ୍ରଶିକ୍ଷଣ ମଧ୍ୟ ସରି ଯାଇଥିଲା, କମାଣ୍ଡୋ ମାନେ ମିଶନ୍ ଜ୍ୟାକ୍ ପଟ୍ କୁ କାର୍ଯ୍ୟକାରୀ କରିବା ନିମନ୍ତେ ନିଜକୁ ସଦା ପ୍ରସ୍ତୁତ ରଖିଥିଲେ। ପ୍ରାୟ ୪୦୦ କମାଣ୍ଡୋ ମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରାଯାଇ ପୂର୍ବ ପାକିସ୍ତାନ ସୀମା ମଧ୍ୟରେ ପ୍ରବେଶ କରାଇ ଦିଆଗଲା । ସେମାନଙ୍କ ଲକ୍ଷ ଥିଲା ୪ଟି ପ୍ରମୁଖ ବନ୍ଦର ସେଗୁଡିକ ହେଲା ଚିଟାଗଙ୍ଗ, ମଙ୍ଗଳା, ଚାନ୍ଦିପୁର ଏବଂ ନାରାୟଣ ଗଂଜ । ଦିନ ବେଳେ ସାଧାରଣ ନାଗରିକ ରୂପେ ମାଛଧରୁ ଥିବା କେଉଟ ରୂପରେ ବା କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ରୂପରେ ଏମାନେ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ। ତେବେ ସେହି ସମୟରେ ସେମାନଙ୍କ ପାଇଁ କେବଳ ରେଡ଼ିଓ ଦ୍ୱାରା ଗୁପ୍ତ ସଂକେତ ଦେବାର ବ୍ୟବସ୍ଥା ହୋଇଥିଲା। ସେମାନଙ୍କୁ ଅଲ୍ ଇଣ୍ଡିଆ ରେଡ଼ିଓ କଲିକତା ଷ୍ଟେସନ୍‌ରୁ ଗୁପ୍ତ ସଂକେତ ପଠାଇବାର ବ୍ୟବସ୍ଥା ହୋଇ ଥିଲା । କଲିକତା ରେଡ଼ିଓ ଷ୍ଟେସନ୍‌ରୁ ଏକ ନିର୍ଦ୍ଦିଷ୍ଟ ସଂଗୀତ ପରିବେଷଣ କରାଯିବ ଯାହା ଅନ୍ୟ ମାନଙ୍କ ପାଇଁ ଏକ ମନୋରଞ୍ଜନ ସଂଗୀତ ହୋଇପାରେ କିନ୍ତୁ କମାଣ୍ଡୋ ମାନଙ୍କ ନିମନ୍ତେ ଏକ କଠୋର ପଦକ୍ଷପ ନେବାର ନିର୍ଦ୍ଦେଶ ହେବ । ୧୩ ଅଗଷ୍ଟ ୧୯୭୧ ମସିହା ପ୍ରାତଃ କାଳରେ ରେଡିଓରେ ପଙ୍କଜ ମଲ୍ଲିକଙ୍କ ଏକ ସଂଗୀତ ପରିବେଷଣ ହେଲା ସଙ୍ଗୀତର ଶୀର୍ଷକ ଥିଲା 'ଆମାର ପୁତୁଲ ଆଜକେ ଯାବେ ପ୍ରଥମ ଶଶୁର ବାଡ଼ି' କମାଣ୍ଡୋ ମାନଙ୍କ ପାଇଁ ବାର୍ତ୍ତା ଥିଲା ଆପଣ ମାନେ ପ୍ରସ୍ତୁତ ରୁହନ୍ତୁ ୨୪ ଘଣ୍ଟା ମଧ୍ୟରେ ଆପଣଙ୍କୁ ନିଜ ମିଶନରେ ଯିବାକୁ ପଡିବ।

କମାଣ୍ଡୋ ମାନେ ଚଳ ଚଞ୍ଚଳ ହୋଇ ଉଠିଲେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଲେ । ୧୪ ଅଗଷ୍ଟ ୧୯୭୧ ମସିହା, ଅଲ୍ ଇଣ୍ଡିଆ ରେଡ଼ିଓ କଲିକତାରୁ ଆଉ ଏକ ସଂଗୀତ ଭାସି ଆସିଲା ତା'ର ଶୀର୍ଷକ ଥିଲା 'ଆମି ତୋମାୟେ ଯତ ସୁନିଏ ଛିଲାମ୍ ଗାନ୍' ଏହାର ଗୁପ୍ତ ସଙ୍କେତ ହେଲା ନିଜ ଲକ୍ଷ ପଥରେ ଆଗେଇ ଯାଅ ଶତ୍ରୁକୁ ଉଚିତ ଶିକ୍ଷା ଦିଅ । ୧୪ ଅଗଷ୍ଟ ଶେଷ ହୋଇ ଯାଇଛି ୧୫ ଅଗଷ୍ଟ ଆରମ୍ଭ ହୋଇ ଆସୁଛି ରାତ୍ରି ୧ଟା ମେଘୁଆ ଆକାଶ କମାଣ୍ଡୋ ମାନେ ନିଜ ଶରୀରରେ ତେଲ ଏବଂ ଗ୍ରୀସ୍ ଲଗାଇ ନିଜର ସୁରକ୍ଷିତ ମିଶନ୍ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିଲେ। କମାଣ୍ଡୋ ମାନେ ଜଳ ଭିତରେ ବୁଡି ୬/୭ କିଲୋମିଟର ପର୍ଯ୍ୟନ୍ତ ଯାଇ ଜାହାଜ ଗୁଡିକର ନିମ୍ନ ଭାଗରେ ଲିଂପୀଡ୍ ମାଇନ୍ ଲଗାଇବାକୁ ବାହାରି ଗଲେ । ଖୁବ୍ ସତର୍କତା ସହିତ ଜଳ ଭିତରେ ପାକିସ୍ତାନୀ ସୈନ୍ୟଙ୍କ ଅଗୋଚରରେ ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରି ପାରିଥିଲେ। ବଡ଼ ବଡ଼ ଜାହାଜର ନିମ୍ନ ଭାଗରେ ଏକାଧିକ ଲିଂପୀଡ୍ ମାଇନ୍ ଲଗାଇବାକୁ ପଡିଥିଲା। ମାଇନ୍ ଗୁଡିକର ସେଫଟି ପିନ୍ ବାହାର କରି ସମସ୍ତେ ଖୁବ୍ କମ୍ ସମୟ ମଧ୍ୟରେ କୂଳକୁ ଫେରି ଆସିଥିଲେ । ରାତି ୧.୪୫ ମିନିଟ୍ ପ୍ରଥମ ବିସ୍ଫୋରଣ ହେଲା କେହି କିଛି ଜାଣିବା ଆଗରୁ ଗୋଟିକ ପରେ ଗୋଟିଏ ଜାହାଜ ବିସ୍ଫୋରଣରେ ଭାଙ୍ଗି ଜଳ ସମାଧି ନେଲା । ପ୍ରାୟ ୩୦ ମିନିଟ୍ ମଧ୍ୟରେ ୪ ଗୋଟି ବନ୍ଦରରେ ବିସ୍ଫୋରଣ ଜନିତ ପ୍ରାୟ ୪୫ ଟି ଜାହାଜ ଧ୍ୱଂସ ହୋଇଗଲା । ଏମ୍ ଭି ଆବାସ୍, ଏମ୍ ଭି ଓରିଏଣ୍ଟ ପରି ବିଶାଳ ଜାହାଜ ମଧ୍ୟ ଏଥିରୁ ବାଦ୍ ପଡି ନଥିଲା।

ପାକିସ୍ତାନୀ ସୈନ୍ୟ ମାନେ ପାଗଳ ପ୍ରାୟ ହୋଇ ଆକାଶକୁ, ଜଳକୁ, ସ୍ଥଳକୁ ଗୁଳି ଚଳାଉ ଥିଲେ । ସେମାନେ ଭାବିଥିଲେ ବୋଧ ହୁଏ ଭାରତୀୟ ବିମାନ ବାହିନୀ ବା ନୌ ବାହିନୀ ଦ୍ୱାରା ଏହି ଆକ୍ରମଣ ହୋଇଛି, ରାଡ଼ାର୍ ଚେକ୍ ହେଲା ସୋନାର୍ ଚେକ୍ ହେଲା କିନ୍ତୁ କୌଣସି ସ୍ଥାନରେ ଭାରତୀୟଙ୍କ ଉପସ୍ଥିତିର ସୂଚନା ମିଳି ନଥିଲା । କମାଣ୍ଡୋ ମାନେ ନୀରବରେ ଏତେ ବଡ଼ ଧ୍ୱଂସ ରଚିଦେଇ ଆସିଲେ ଯାହାକି ପାକିସ୍ଥାନ ସେନା ସ୍ୱପ୍ନରେ ମଧ୍ୟ ଭାବି ନଥିଲେ । ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଗଲା ତା'ର ସପ୍ଲାଇ ଚେନ୍ ବନ୍ଦ ହୋଇଗଲା । ବନ୍ଦର ଗୁଡିକ ଜାହାଜର ଭଗ୍ନାବଶେଷ ରେ ପରିପୂର୍ଣ୍ଣ ଥିବାରୁ ନୂତନ ଭାବେ ଜାହାଜ ଚଳାଚଳ କରିବାକୁ ଅନେକ ଦିନ ଲାଗିଗଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଏହା ଥିଲା ଏକ ପ୍ରଳୟଙ୍କରୀ ନୌ ଆକ୍ରମଣ । ପାକିସ୍ତାନୀ ସେନା ପାଇଁ ଏହା ଥିଲା ଏକ ମନୋବୈଜ୍ଞାନିକ ପରାଜୟ । ସେନା ବାହିନୀ ମୁକ୍ତି ବାହିନୀକୁ ମନେ ମନେ ଭୟ କରିବାକୁ ଆରମ୍ଭ କରି ଦେଇଥିଲେ । ପୃଥିବୀ ଜାଣି ଗଲା ଏହା ଏକ ସୁସଂଗଠିତ ସାମରିକ କାର୍ଯ୍ୟାନୁଷ୍ଠାନ ଯାହାକି ପାକିସ୍ତାନର ମନୋବଳ ଭାଙ୍ଗି ଦେଇଛି। ଡିସେମ୍ବର ୧୯୭୧ ଯେତେବେଳେ ଭାରତ ପାକିସ୍ତାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ପାକିସ୍ତାନୀ ସେନା ଅନେକାଂଶ ରେ ଦୁର୍ବଳ ହୋଇ ଯାଇଥିଲେ । ଗୋଟିଏ ପଟେ ଭାରତୀୟ ସୈନିକ ଅନ୍ୟପଟେ ମୁକ୍ତି ବାହିନୀ ଦୁହିଁଙ୍କୁ ପ୍ରତିରୋଧ କରିବା ସହଜ ନଥିଲା । ୧୬ ଡିସେମ୍ବର ୧୯୭୧ ଯେତେବେଳେ ଖୋଲା ଷ୍ଟାଡିଅମ୍ ରେ ଜେନେରାଲ୍ ନିଆଜି ପ୍ରାୟ ୯୦ ହଜାର ସୈନ୍ୟ ସହିତ ଆତ୍ମ ସମର୍ପଣ କଲେ ସେତେବେଳେ ଯେଉଁ ନୂତନ ରାଷ୍ଟ୍ର ଜନ୍ମ ନେଲା ତାର ନାମ ବାଂଲା ଦେଶ ରଖାଗଲା । ଯେଉଁମାନେ ଅପରେସନ୍ ଜ୍ୟାକ୍ ପଟ୍ ଦ୍ୱାରା ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ କାହିଁ କେତେଜଣ ସେମାନଙ୍କୁ ମନେ ରଖିଛନ୍ତି ? ତାଙ୍କର ଦେଶ ପ୍ରେମ ତ୍ୟାଗକୁ ରୋମନ୍ଥନ କରୁଛନ୍ତି ? ଅଜ୍ଞାତ ଦେଶପ୍ରେମୀ ସୈନିକ ହିସାବରେ ସେମାନେ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇ ନାହାନ୍ତି ସତ କିନ୍ତୁ ତାଙ୍କର ତ୍ୟାଗକୁ ବାଂଲାଦେଶୀ ମାନେ ନିଶ୍ଚିତ ମନେ ରଖିବେ । ଦେଶ ସ୍ୱାଧୀନ ହେଲା ନୂତନ ସୂର୍ଯ୍ୟାଲୋକ ସହିତ ବାଂଲାଦେଶକୁ ଭାରତ ପ୍ରଥମେ ସ୍ୱୀକୃତି ପ୍ରଦାନ କରିଥିଲା । ପ୍ରତିଟି ପରାଧୀନ ରାଷ୍ଟ୍ରର ସ୍ୱାଧୀନତା ସଂଗ୍ରାମରେ ଅନେକ ଅନ୍ ନୋନ୍ ସୋଲଜର୍ ମାନଙ୍କ ଅବଦାନ ରହିଛି ଯାହକି ଆମକୁ ଦେଶ ପ୍ରେମର ପ୍ରେରଣା ଯୋଗାଉଛି । ନୂତନ ଯୁବପିଢ଼ି ଏହାର ମହତ୍ୱ ବୁଝିବାକୁ ଚେଷ୍ଟା କରୁ ନାହାନ୍ତି । ଜେନ୍ ଜି ନାମରେ ବାଂଲାଦେଶ ଅସ୍ଥିରତା/ଅରାଜକତା ମଧ୍ୟରେ ଗତି କରୁଥିଲା ବର୍ତ୍ତମାନ ନୂତନ ସରକାର୍ ଏହାକୁ କିଛି ମାତ୍ରାରେ ନିଜ ଆୟତ୍ତ କୁ ଆଣି ପାରିଛନ୍ତି । ଭାରତ ବିରୋଧି ଶକ୍ତି ମାନେ ବାଂଲା ଦେଶ ରେ ଜନତାଙ୍କୁ ଭାରତ ଏକ ଶତ୍ରୁ ରାଷ୍ଟ୍ର ବୋଲି ପ୍ରଚାରିତ କରୁଛନ୍ତି । ସେମାନେ ଯଦି ତାଙ୍କ ଇତିହାସ ପଢ଼ିବେ ତେବେ କିଏ ଶତ୍ରୁ କିଏ ମିତ୍ର ନିଷ୍ପ ଉତ୍ତର ପାଇଯିବେ ।

ଜୟ ହିନ୍ଦ୍ ।

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳ
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଅତି ଆଡ଼ମ୍ବରରେ ଲଘୁ କ୍ରିୟା



**ସୁବ୍ରତ କର**

ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ଆଜି ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପାଳିତ ହେଲା । ଏହାର ଶୁଭ ଦେଲେ ମୁଖ୍ୟମନ୍ତ୍ରୀ ନିଜେ ଏବଂ ସାନ ସାନ ପିଲାଙ୍କ ଗହଣରେ ବସି ପାଠ ପଢ଼ାକୁ ନେଇ ବେଶ୍ କିଛି ସମୟ ବିତାଇଲେ । ନିଶ୍ଚିତ ଭାବରେ ଏହା ଅତି ସୁନ୍ଦର ପଦକ୍ଷେପ । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଖୋଲା ଯାଇଥିବା ଶିଶୁ ବାଟିକା ଶ୍ରେଣୀରେ ନାମଲେଖା ଓ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଆଜି ସାରିଲେ । ଏହି ଉତ୍ସବଟି ଗତ ୨ ତାରିଖ ଦିନ କରିବା ପାଇଁ ଠିକ୍ ହୋଇଥିଲା କିନ୍ତୁ ଏହାକୁ ସରକାରଙ୍କ ତରଫରୁ ପ୍ରତି ସରକାରୀ ସ୍କୁଲ ମାନଙ୍କରେ ୪ ତାରିଖକୁ ଘୁଞ୍ଚି ଯାଇଥିଲା । ଏହି ଉତ୍ସବ ଖୋଦ୍ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରସ୍ଥିତ ରାଜଭବନର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଉତ୍ସବରେ ସରକାରଙ୍କ ତରଫରୁ ସବୁ ସ୍କୁଲର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଥିଲା ଯେ ଜନପ୍ରତିନିଧି ଓ ବୁଦ୍ଧିଜୀବୀ ମାନଙ୍କୁ ନିମନ୍ତ୍ରଣ ରହିବ ଏବଂ ସେମାନେ ଏଥିରେ ସକ୍ରିୟ ଭାଗ ନେବେ । ଏହାପରେ ୬,୭,୮ ତାରିଖରେ ବିଦ୍ୟାଳୟମାନଙ୍କରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ କିଭଳି କାର୍ଯ୍ୟକ୍ରମ ହେବା ଦରକାର, ପ୍ରତି ସ୍କୁଲରେ ତିନୋଟି ସ୍ୱତନ୍ତ୍ର ଥିମାଟିକ୍ ଷ୍ଟେସନ୍ ରହିବ, ସେଗୁଡ଼ିକ ହେଲା ଖେଳକୁଦ ପାଇଁ ପ୍ଲେ ସ୍ପେସ୍ ପରେ କଳା ଓ ସୃଜନଶୀଳତା ପାଇଁ ଆର୍ଟ ଅଣ୍ଡ କ୍ରିଏଟିଭ ସ୍ପେସ୍ ଏବଂ ଶେଷରେ ଗଳ୍ପ ଶୁଣିବା ପାଇଁ ଷ୍ଟୋରିଟେଲିଂ ସ୍ପେସ୍ । ଏହିସବୁ ଛଡ଼ା ପ୍ରତି ବ୍ଲକରେ 'ଶିକ୍ଷା ସଚେତନତା ରଥ' ବୁଲିବ । ଏବେ ଆପଣମାନେ ବୁଝିପାରିବେ ଯେ ଆମ ସରକାର ଶିକ୍ଷାପ୍ରତି କେତେ ସଚେତନ ଏବଂ ସତରେ ହେଉ ବା ଲୋକ ଦେଖାଣିଆ ହେଉ ଚାହୁଁଛନ୍ତି ଯେ ରାଜ୍ୟରେ କୌଣସି ପିଲା ସ୍କୁଲରେ ପାଠ ନପଢ଼ି ରହିବେ ନାହିଁ । ଏବେ ସତକଥା ବା ସତ ଘଟଣା ଆଜି ମୁଁ ନିଜେ ଅଙ୍ଗେ ନିଭାଇ ଆସିଛି । ମୋତେ ଗୋଟିଏ ସ୍କୁଲରୁ ନିମନ୍ତ୍ରଣ ଆସିଥିଲା ଏହି ପ୍ରକାର ଉତ୍ସବରେ ସାମିଲ ହେବାପାଇଁ । ମୁଁ ଅତି ଉତ୍ସାହର ସହିତ ଗଲି ଏବଂ ଦେଖିଲି ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଅତି ତତ୍ପର ହୋଇ ସରକାରଙ୍କ ପାଖରୁ ଆସିଥିବା ଗାଇଡ୍ ଲାଇନକୁ ଅକ୍ଷରେ ଅକ୍ଷରେ ପାଳୁଥିଲେ । ନୂଆ ପିଲାମାନଙ୍କୁ ଫୁଲ ଦେଇ କପାଳରେ ଚନ୍ଦନ ଟିକା, ଶଙ୍ଖ ବଜାଇ ତା ସହିତ ଗୀତ ନାଚ କରି ସ୍କୁଲର ଗେଟ ମୁହଁରୁ କ୍ଲସରୁମ୍‌କୁ ନେଇଥିଲେ । ଏ ମାନଙ୍କ ସହିତ ପିଲାମାନଙ୍କ ବାପା ମାଆ ମାନେ ଥିଲେ । ସେମାନେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ କିଛି ଭାଷଣ ଶୁଣିଲେ, ସ୍କୁଲର ଇତିହାସ ଜାଣିଲେ, ସବୁ କିଛି ହେଲା ଶେଷରେ ବହି ଦେବା କଥା ହେଲାରୁ ପ୍ରଧାନ ଶିକ୍ଷକ ଅତି ଦୁଃଖର ସହିତ ଜଣାଇଲେ ଯେ ଏବେ ଖୁବ୍ ବହି କମ୍ ଆସିଛି ଏବଂ ପ୍ରତି ପିଲାଙ୍କୁ ଏବେ ଗୋଟାଏ ଲେଖା ବହି ଦେଇହେବ ପରେ ବହି ଆସିଲେ ମିଳିବ ଏବଂ ପୋଷାକ ମଧ୍ୟ ଆସିନାହିଁ ଏବଂ ଆସିଲେ ମିଳିବ । ସତରେ ମୋତେ ବହୁତ ଦୁଃଖ ହେଲା ଯେ ପାଠୁଆ ପିଲାଙ୍କୁ ମୂଳ ଜିନିଷ ସରକାର ଯୋଗାଇ ଦେବାରେ ଅକ୍ଷମ ଏବଂ ଅସମର୍ଥ । ବହୁ ଆଡ଼ମ୍ବରରେ ଲଘୁ କ୍ରିୟା ।

## କବିତା କୋଣାର୍କ

# ଅଂଶୁଘାତ

**ଡ. ପୁରୁଷୋତ୍ତମ ଧଳ**



ବଇଶାଖ ମାସ ଝାଳ ବହିଲାଣି
ଖରା କରେ ଟାଇଁ ଟାଇଁ
ବାହାରକୁ ଗଲେ କାଟୁଅଛି ଖରା
ରହି ହେଉ ନାଇଁ ନାଇଁ ।
ଦେହରେ ବାଜୁଛି
ଖରାଟା ଯେପରି
ଗୁଳୁ ଗୁଳି ଟାଇଁ ଟାଇଁ
ଏଇ ଖରାଦିନ କାହିଁ ଆସୁଅଛି
ଝାଳ ବହେ ଧାଇଁ ଧାଇଁ ।
ପଖାଳ ପିଆଜ ଖାଇବାକୁ ମନ
ହେଉଅଛି ହାଇଁ ପାଇଁ
ଦିନ ବିଟୁଅଛି ଗଛ ମୂଳେ ଅବା
ଛାତ ତଳେ ଶୋଇ ଶୋଇ।
ଶ୍ରମଜୀବୀ ଭାଇ ବାହାରକୁ ଯାଇ
କାମ କରି ଧଇଁ ସଇଁ
ଶୋଷ ମେଣ୍ଟାଉଛି ଦହି ସରବତ
ଦୋକାନରୁ ପିଇ ପିଇ ।
ବାହାରକୁ ଯାଅ ଓଦା ଲୁଗା ମୁଣ୍ଡେ
ହାତେ ଛତା ଧରି ଧରି
ମନେ ରଖିଥାଅ ଅଂଶୁଘାତ ଡରେ
କହିଦେବ ନାଇଁ ନାଇଁ ।

+ସଭାପତି,
ପ୍ରାଣକୃଷ୍ଣ ଧଳ ପାଠାଗାର
ପଦିନାରାୟଣପୁର, ବାରିକପୁର
ବଜାର, ଭଦ୍ରକ
ମୋ : ୮୯୧୭୬୬୭୦୬୦

# ଶେଷ ଇଚ୍ଛା

**ଜଗଦୀଶ ସାହୁ**



ସିନ୍ଦୁର ଟୋପାଏ ଦେଇ ପାରିଲିନି
ସଜନୀ ଗୋ ତୁମ ମଥାରେ
ସବୁଦିନ ପାଇଁ ତୁମ ଆମ ପ୍ରେମ
ରହିଗଲା ଖାଲି କଥାରେ ।
ବରଯାତ୍ରୀ ହୋଇ ତୁମକୁ ଦେଖୁଛି
ପୂଣ୍ୟ ବାହାବେଦୀ ଉପରେ
ବଡ଼ଭାଇ ସହ ବସିଅଛ ବେଶ
ହୋଇ ନବବଧୂ ରୂପରେ ।
ସମ୍ପର୍କ ଆମର ବଦଳି ଯାଇଛି
ନିର୍ବନ୍ଧ ସରିଲା ଦିନରୁ
ସେଇଲାଗି ସବୁ ଅତୀତ କଥାକୁ
ପୋଛି ଦେଇଛି ମୋ ମନରୁ ।
ଶେଷ ଇଚ୍ଛା ମୋର ପୂରଣ କରିବ
ସାନ ଭାଇ ପରି ଦେଖିବ
ମୋ ସାନ କଥାକୁ ସନମାନ ଦେଲେ
ଦୁନିଆଁ ତୁମଠୁ ଶିଖିବ ।

+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ତୁମରି ରୁନୁ






ଜ୍ୟୋସ୍ନା ମିଶ୍ର


ଜୀବନରେ ବହୁତ କଥା ଉହ୍ୟ ରହିଯାଏ। ପବନର ସ୍ୱର, ଆକାଶର ରଙ୍ଗ, ମାଟିର ବାସ୍ନା ଯେମିତି ଉହ୍ୟ ରହିଥାଏ ଆଉ ହଠାତ୍ ତାକୁ ଉଚ୍ଚାଟିତ କରେ। ନୂଆ ଅନୁଭବ ସବୁ ଯେମିତି ମନ ଭିତରେ ଥାଏ ଆଉ ବେଳେବେଳେ କୁତୁକୁତୁ କରି ଉତ୍ଫୁଲ୍ଲିତ କରେ। ହେଲେ ସେଇ ଉହ୍ୟ ରହିଯାଇଥିବା କଥାଟି ବେଳେବେଳେ ଛାତି ମଝିରେ ହାବୁକା ମାରି ଉଠିଆସିଲା ଭଳି ଲାଗେ। ସେ ପୁଣି ସନ୍ତ୍ରସ୍ତ ହୋଇଯାଏ। ଚୁପିଚୁପି ମନର ଭାବନାକୁ ଦବେଇଦିଏ।

ସୁଶାନ୍ତ ବହୁତ ଭଲ... ତାକୁ ତ ସେ ବହୁତ ଭଲ ପାଆନ୍ତି। ପାଖରେ ନ ବସିଲେ, ଖାଇବେନି, ସେଭିଂ ସେଟ୍ ନ ବଢ଼େଇଲେ ସେଭ୍ ହେବେନି। ବାଲକୋନିରେ ଫୁଲଗଛକୁ ବି ଏକା ନୁହେଁ, ତା'ରି ସାଥିରେ ଦେଖିବେ। ସବୁବେଳେ ତ 'ରୁନୁ, ପାଣି' 'ରୁନୁ, ଫୋନ୍ ଡାଏରୀ', 'ରୁନୁ, ରୁମାଲ', 'ରୁନୁ, ଗାଡ଼ିଚାବି', ରୁନୁ ରୁନୁ ରୁନୁ...। ରୁନୁ ହେଉଛି ସୁଶାନ୍ତଙ୍କ ହାତରେ ଘୁରୁଥିବା ଚକ୍ରୀ। ଏକୁଟିଆକୁ କୁଆଡ଼େ ତାକୁ ଛାଡ଼ନ୍ତି ନାହିଁ। ସାଙ୍ଗରେ ନେଇ କି ଯିବେ ଆଉ ଆସିବେ। ବାପଘର ତ ସେ ଭୁଲିଗଲାଣି। ଯଦି ବି କେବେ ଭାଇ ଆସିକି ଦୁଇଦିନ ପାଇଁ କହିକି ନେଇଯାଇଥିବ, ଦୁଇଦିନ କ'ଣ.... ଦୁଇଘଣ୍ଟା ଭିତରେ ପଚାଶଥର ଫୋନ୍ କରିକରି ସମସ୍ତଙ୍କୁ ଘିର୍ ଘିରେଇବେ ଆଉ ସନ୍ଧ୍ୟାରେ ଆସି ହାଜର ହେଇଯିବେ। ସାଙ୍ଗରେ ଆଣି କି ଆସିବେ। ରୁନୁ ବିନା ସେ ମୁହୂର୍ତ୍ତଟେ ବି ରହିପାରିବେନି, ସମସ୍ତେ କୁହନ୍ତି।

ସବୁ ଭଲ ଭିତରେ ତ ସେଇ ଗୋଟିଏ କଥା ଖଟ୍‌କା ମାରେ, ଯାହା ଉହ୍ୟ ରହେ, ସେ ହେଉଛି ସୁଶାନ୍ତର ଭାବନା। ଏଇ ଯେମିତି ଏବେ ଚାହା ପିଉଥିଲାବେଳେ ସୁଶାନ୍ତ କହିଉଠିଲେ ଜାଣିଛ ରୁନୁ, ଆଜି ନା ସେଇ ଝିଅଟି, ଯିଏ ଆମର ନୂଆ ରିସେପସନିଷ୍ଟ ହୋଇ ଆସିଛି, ମୋତେ ଖାଲି ବୁଲିବୁଲି ଚାହୁଁଥିଲା। ଆଉ ତା'ପରେ କ'ଣ କହିଲା ଜାଣ, ମୋର ଏଇ ବ୍ଲୁ ଚେକ୍ ସାର୍ଟ ପାଇଁ ମୁଁ କୁଆଡ଼େ ଖୁବ୍ ସ୍ମାର୍ଟ ଲାଗୁଛି। ସୁଶାନ୍ତଙ୍କ ମୁହଁରେ ଆତ୍ମବଡ଼ିମାର ଅର୍ଥହୀନ ହସ, ଆଖିରେ ଦୁଷ୍ଟାମୀର ଚାହାଣୀ। ରୁନୁ ତଳକୁ ମୁହଁ କଲା। ନହେଲେ ସୁଶାନ୍ତ ଏଇନା ଆରମ୍ଭ କରିବେ ତାଙ୍କ କଲେଜ୍‌ବେଳର କଥା। କେମିତି ମାନବୀ, ସ୍ୱର୍ଣ୍ଣଲତା, ଆନୀ, ଗୀତିକା, ପୁଷ୍ପାଞ୍ଜଳି ତା' ପଛରେ ପଡ଼ିଥିଲେ। ହଁ ନପଡ଼ିବେ ବା କେମିତି..!! ସେ ଯେ କଲେଜ୍‌ର ବେଷ୍ଟ ଷ୍ଟୁଡେଣ୍ଟ, ବେଷ୍ଟ ସିଙ୍ଗର, ବେଷ୍ଟ ଓରେଟର୍ ଥିଲେ। ତାଙ୍କ କଣ୍ଠରେ "ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ ମଲ୍ଲାର ମେଘ ସାଜିଲି" ଶୁଣିବାକୁ ସମସ୍ତେ କେମିତି ପାଗଳ ହେଉଥିଲେ, ସେ କଥା ବି କହିବେ।

ହେଲେ ନା.... ସୁଶାନ୍ତ ଆରମ୍ଭ କଲେ, ତମେ ତ ମୋତେ ଥରେ ବି ଶୁଣିବାକୁ, ମୋ ସହ କଥା ହେବାକୁ ଚାହିଁ ନଥିଲ, କାହିଁକି କୁହ ତ? ରୁନୁ କହିଲା, ଏଥିରେ କହିବାର କ'ଣ ଅଛି? କଲେଜ୍ ମୁଁ ପଢ଼ିବାକୁ ଯାଉଥିଲି, ଏସବୁ ଗୀତ, ଗପର ମୁଁ ପାଖ ପଶେନି। ତା'ପରେ ତମ ପଛରେ ତ ହଜାରେ ଝିଅ ଗୋଡ଼ଉଥିଲେ...

ସେଇଥିପାଇଁ ତ ତମେ ମୋତେ ଏତେ ଭଲ ଲାଗିଲ। ମନେଅଛି ତ କେମିତି ଆମର ଭେଟାଭେଟି ହେଇଥିଲା? ଆଉ ସେ କଥା କ'ଣ ମୁଁ ଭୁଲିବି ନା କ'ଣ!

ମନେ ପକଉଥିଲା ରୁନୁ ସେଇଦିନକୁ...। କଲେଜ୍ ଯିବା ଡେରି ହେଇଯାଇଥିଲା ବୋଲି ସେ ସେଦିନ ସ୍କୁଟିକୁ ଟିକେ ଅଧିକ ସ୍ପିଡ୍‌ରେ ଚଲେଇକି ଯାଉଥିଲା। ହଠାତ୍ ଆଖିରେ ପୋକ କି ଧୂଳି କ'ଣ ପଡ଼ିଗଲା ଯେ, ତା' ଆଖି ବନ୍ଦ ହେଇଗଲା ଆଉ ଗାଡ଼ି ଏପଟସେପଟ ହେଇ ପଡ଼ିଗଲାବେଳକୁ ଏଇ ସୁଶାନ୍ତ ହିଁ ତା' ସ୍କୁଟିକୁ ଧରି ପକେଇଥିଲା। ସେ ପଡ଼ି ଯାଉଯାଉ ରହିଗଲା। ପାଟି ଚିଲ୍ଲେଇକି ସୁଶାନ୍ତ କହୁଥିଲା ଦିନରେ ବି ତାରା ଗଣୁଛ ନା କ'ଣ ଆଖି ବନ୍ଦ କରିକି...। ରାଗରେ ରୁନୁର ଦେହ ଥରୁଥିଲା। ସେ ତା'ର ପଡ଼ିଥିଲେ ପଡ଼ିଥା'ନ୍ତା, ଏମିତି କଥା ତ ଶୁଣି ନଥା'ନ୍ତା। ତଳକୁ ମୁହଁକରି କହିଲା, ନା, ସେକଥା ନୁହେଁ, ଆଖିରେ କ'ଣଗୋଟେ ପଡ଼ିଗଲା ସେଥିପାଇଁ ଗାଡ଼ିର ବାଲାନ୍ସ ରହିଲାନି। ହଉ, ଆପଣଙ୍କ ଉପକାର ମନେ ରହିଲା, ସମୟ ଆସିଲେ ଶୁଝିଦେବି। କେମିତି ଶୁଝିବ...? ମୋର ଯଦି ଗାଡ଼ି ଆକ୍ସିଡେଣ୍ଟରେ କିଛି ହେଇଯାଏ, ତେବେ କ'ଣ ତମେ ହାର୍ଟ କି କିଡ୍‌ନୀ କି ଆଖି ଦେଇଦବ ମୋତେ? କେମିତି ଶୁଝିବ? ଏସବୁ କିଛି ନୁହେଁ, ମୁଁ ତ ସିଧା ଯମଦେବତାଙ୍କ ପାଖରେ ହାଜର ହେଇଯିବି, ଆଉ କହିବି ଏ ମହାଶୟଙ୍କୁ ଛାଡ଼ି ଦିଅନ୍ତୁ, ତାଙ୍କୁ ମୋର ଋଣ ଶୁଝିବାର ଅଛି.... କହି ମୁହଁ ବୁଲେଇ କି ସେ ପଳେଇଲା। ସେଇ ଯେ ସେ କଥା କହିଲା.... ଆଉ ବନ୍ଦ ହେଲାନି। ଦୁଇ ପରିବାରଙ୍କ ସହମତିରେ ସେମାନେ ବିବାହବନ୍ଧନରେ ଆବଦ୍ଧ ହେଲେ।

ସମୟ କେତେଶୀଘ୍ର ଚାଲିଯାଏ! ପାଞ୍ଚବର୍ଷ ଯେ କେମିତି କଟିଗଲାଣି ଜଣା ବି ପଡୁନି। କାଲିଠୁ ସୁଶାନ୍ତ କହିକି ରଖିଛି ଆଜି ବାଇକ୍‌ରେ ଲଙ୍ଗ ଡ୍ରାଇଭ୍‌ରେ ଯିବାପାଇଁ। ତା'ର ମନ ନାହିଁ, ହେଲେ ସେ ତ ନଛୋଡ଼ବନ୍ଧା। ତଥାପି ଶେଷଚେଷ୍ଟା ସେ କରିବ ନଯିବା ପାଇଁ। ତାକୁ କେମିତି ରଗେଇବାକୁ ହୁଏ, ସେକଥା ତ ସେ ଜାଣିଛି। ସକାଳୁ ସୁଶାନ୍ତ ଯେତେବେଳେ ରେଡ଼ି ହେବାକୁ କହିଲା, ସେ ମନାକଲା। କହିଲା ଯଦି ଏତେ ମନ ହେଉଛି, ତମର ସେଇମାନଙ୍କୁ ଡାକିଦିଅ ସାଙ୍ଗରେ ଯିବାକୁ, ଯିଏ ତମ ବ୍ଲୁ ସାର୍ଟରେ ସ୍ମାର୍ଟ ଲାଗୁଥିଲ ବୋଲି କହୁଥିଲେ...। ରାଗିଗଲେ ସୁଶାନ୍ତ। ନଗଲେ ନଯିବ ଏସବୁ ତାନା ମାରିବା କ'ଣ ଦରକାର କହି ବାଇକ୍‌କୁ ଘଁ ଘଁ କରି ବାହାରିଗଲା...।

ସତରେ... ଏମିତି ନ କହିଥିଲେ ତ ହେଇଥା'ନ୍ତା, ମନେମନେ ଭାବୁଥିଲାବେଳେ ହିଁ ଫୋନ୍ ଆସିଲା, ସୁଶାନ୍ତର ବାଇକ୍‌କୁ ଟ୍ରକ୍ ଗୋଟେ ବାଡ଼େଇ ଦେଇ ପଳେଇଛି। ସତରେ ଏମିତି ହେଇଛି? ନା' କାହାକୁ କହି ସୁଶାନ୍ତ ନିଜେ ହିଁ ଏମିତି ଫୋନ୍ କରେଇଛନ୍ତି??? କଣ କରିବ ରୁନୁ ଠିକ୍ କରି ପାରୁନଥିଲା। କେମିତି ଯେ ସେ ହସ୍‌ପିଟାଲରେ ପହଞ୍ଚିଛି ସେ ହିଁ ଜାଣିଛି। ସାଇ ପଡ଼ିଶା ସମସ୍ତେ ଆସି ପହଞ୍ଚି ଯାଇଥିଲେ। କାନ୍ଦ ବୋବାଳି ଭିତରେ ସମସ୍ତେ ଓ.ଉ.ଟ.ର ସେଇ ଲାଲବତିକୁ ହିଁ ଚାହିଁ ରହିଥିଲେ। ହେଇତ ଡାକ୍ତର ବାହାରିଲେଣି!!! ସେମିତି କାନ୍ଦୁ କାନ୍ଦୁ ଦୌଡ଼ି ଗଲେ ତାଙ୍କ ପାଖକୁ। ବାପା, ଭାଇ ସମସ୍ତେ ଘେରି କି ଠିଆ ହେଇଥିଲେ ତା ପାଖରେ। ଝକ୍‌ଝକ୍‌ଝକ ... କହି ଡାକ୍ତର କହିଲେ ହି ଇଜ୍ ନୋ ମୋର..., ହାର୍ଟ ଫେଲଓର୍ କରିଯାଇଛି। ନା.. ନା.. ଏମିତି ହେଇନପାରେ, ଚିତ୍କାର କରି କହୁ କହୁ ହିଁ ରୁନୁର ଚେତା ଚାଲିଗଲା। ଏକ, ଦୁଇ... ଚାହୁଁ ଚାହୁଁ ଦଶଘଣ୍ଟା କଟିଗଲାଣି। ଚେତା ଆସିବା କ୍ଷଣି ରୁନୁ ସୁଶାନ୍ତ କାହିଁ ବୋଲି ଖୋଜି ହେଲା। ଭାଇ କହିଲେ, ଏବେ ତ ସେମାନେ ବଡିକୁ ଫ୍ରିଜର୍ ଭିତରେ ରଖିଛନ୍ତି। ଦଶଘଣ୍ଟା ପରେ ପୋଷ୍ଟମର୍ଟମ କରିବେ ବୋଲି କହୁଥିଲେ। ତାପରେ ବଡି ଆମକୁ ଦେବେ। ରୁନୁ ମୁହଁ ତଳକୁ କରି ବସିଥିଲା। ନା... ସେ ଡାକ୍ତରଙ୍କ କଥାକୁ ବିଶ୍ୱାସ କରି ପାରୁନଥିଲା। ସେ ଉଠି ଠିଆ ହେଲା ଓ ଚାଲିଲା। କୁଆଡ଼େ ଯାଉଛୁ, କହି ଭାଇ ବି ତା ସହ ଚାଲିଲେ। ଚାଲ ସେଇ ଫ୍ରିଜର ଥିବା ଶବଘରକୁ, ମୁଁ ଦେଖିବି ସୁଶାନ୍ତକୁ। ଆରେ ଆମେ କେମିତି ସେଠାକୁ ଯିବା...? ଆମକୁ ପରମିଶନ୍ ନାହିଁ ସେଠାକୁ ଯିବା ପାଇଁ।। ସେମାନେ ପୋଷ୍ଟମର୍ଟମ କରି ସାରିଲେ ଯାଇ ଅମେ ଯାଇପାରିବା ନା.. ନା...।

ବହୁତ ଡେରି ହେଇଯିବ, ଏବେ ଚାଲ ସେଠିକୁ। ମୋ ମନ କହୁଛି, ସେ ବଞ୍ଚିଛନ୍ତି। ଚାଲ ଶୀଘ୍ର...!!

ରୁନୁ ସହ ଶବ ଘରକୁ ଯାଉଥିଲାବେଳେ ତା ଭାଇ ଭାବୁଥିଲେ ରୁନୁର ମେଣ୍ଟାଲ ବାଲାନ୍ସ ନାହିଁ କି...? ସେ କଣ ପାଗଳୀ ହେଇଗଲା କି...???

ଫ୍ରିଜର୍ ଭିତରୁ ବାହାର କରି ସେମାନେ ସୁଶାନ୍ତକୁ ଅଣୁଥିଲେ। ରୁନୁ ଦୌଡ଼ିଯାଇ ସୁଶାନ୍ତର ଦେହ ହାତକୁ ଅଣ୍ଡାଳି ପକେଇ ଛାତି ଉପରେ ମୁଣ୍ଡକୁ ପିଟୁପିଟୁ ଥମକି ରହିଗଲା...!!!

ଇଏ କଣ...!!! ପଲସ୍ ଚାଲୁଛି ନା କଣ ତ...!!! ବଞ୍ଚିଛନ୍ତି ବଞ୍ଚିଛନ୍ତି କହି ସେ ଡକ୍ଟର, ଡକ୍ଟର ଡାକ ପକେଇଲା। ହସ୍‌ପିଟାଲ ଷ୍ଟାଫ୍ ସମସ୍ତେ ଦୌଡ଼ି ଆସିଲେ ସାଙ୍ଗେସାଙ୍ଗେ ସୁଶାନ୍ତକୁ ସହରର ଶ୍ରେଷ୍ଠ ହସପିଟାଲରେ ଆଡମିଟ୍ କରାଗଲା। ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ତଥା ମେଡିସିନ୍ ଆଦି ଦେବା ପରେ ଏବେ ସୁଶାନ୍ତର ଅବସ୍ଥା ସ୍ଥିର। ସେ ବିପଦମୁକ୍ତ ବୋଲି ଡକ୍ଟର କହିଲା ପରେ ଯାଇ ରୁନୁ ପାଣିଟିକେ ପିଇଲା।

ପୁଲିସ ଆସି ଛାନ୍‌ବିନ୍ ଆରମ୍ଭ କରିଛନ୍ତି। ଫ୍ରିଜର୍ ଭିତରେ ଦଶଘଣ୍ଟା ରହିବା ପରେ ବି ଜଣେ କେମିତି ଜୀବିତ କହିଲ...? ମାଇନସ୍ ଟେନ୍ (-୧୦) ଟେମ୍ପରେଚର୍‌ରେ ଦେହ ତ ବରଫ ହେଇଯିବା କଥା, ହେଲେ ଏଠି ତ ଚମତ୍କାର ହେଇଛି...। ମୃତ ବ୍ୟକ୍ତି ଜୀବିତ ହେଇଛି। ଡକ୍ଟର କହୁଥିଲେ, ସତରେ ଚମତ୍କାର ହିଁ ଏହାକୁ କୁହାଯିବ। ସବୁବେଳେ ଫ୍ରିଜରର ଟେମ୍ପରେଚର୍ ମାଇନସ୍ ଟେନ୍ ରୁହେ ଆଉ ଚବିଶ ଘଣ୍ଟା ପାୱାର ସପ୍ଲାଏ ବି ସେଠାରେ ଥାଏ। ହେଲେ କାଲି ସେଠାରେ ଅଚାନକ ବାରମ୍ବାର କରେଣ୍ଟ ଯାଉଥିଲା। ବୋଧହୁଏ ସେଥିପାଇଁ ଫ୍ରିଜର୍ ଠିକ୍ ସେ କାମ କରିନି। ସୁଶାନ୍ତ ଆଖି ଖୋଲିଲାଣି... ପାଖରେ ବସି ରୁନୁ ତାକୁ ଟିକେ ଅରେଞ୍ଜଜୁସ ପିଆଉଥିଲାବେଳେ ହିଁ ସେ କହିଲା, ସତରେ ତୁ ତ ଋଣ ସୁଝି ଦେଲୁ। ତୁ ମତେ ଯମଙ୍କ ପାଖରୁ ଛଡେଇ ଆଣିଲୁ...!!! ତୁ ତ ସାକ୍ଷାତ ସାବିତ୍ରୀ, ନା ନା ତା ଠୁ ବି ଅଧିକ ତୁ ମୋ ପାଇଁ। ତୁ ମୋ ପ୍ରାଣେଶ୍ୱରୀ ମୋ ଜୀବନ...।

ଉହୁଁ ଏସବୁ ନୁହେଁ କହିଲା ରୁନୁ... ଭୁଲିଗଲ କି ସେଦିନ ତମର ସେଇ ଫୁଲେଇ ସେକ୍ରେଟାରୀ ଉପରେ ମୁଁ ରାଗିଲି ବୋଲି ମତେ କେମିତି ମୋର 'ବିକୃତ ମାନସିକତା' ବୋଲି କହୁଥିଲ...।

ଦୁଇଜଣଙ୍କ ଆଖିରୁ ଲୁହ ଝରୁଥିଲା ଆଉ ଓଠରେ ଥିଲା ସରୁ ହସରୁ ଧାରେ... ଦୂରରୁ ଗୀତ ଶୁଭୁଥିଲା "ମିଲୋ ନା ତୁମ୍ ତୋ ହମ୍ ଘବରାୟ...।"


+ଫକୀରମୋହନ ନଗର,
ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨


# ଅଜାଙ୍କ ବଙ୍କୁଲିବାଡ଼ି




ପଦ୍ମାଳୟା ସାମଲ


'ଜଲଦି ଆସି ଘରେ ପହଞ୍ଚ, ଅଜା ଚାଲିଗଲେ', ଏକପ୍ରକାର ଚିଲେଇ କହିଲି ମୁଁ ।

'ହଉ, ତମେ ରେଡି ହୋଇଯାଅ। ପନ୍ଦରମିନିଟ୍ ଭିତରେ ମୁଁ ଘରେ ଯାଇ ପହଞ୍ଚୁଛି । 'ସୁନୀଲ ଏତେକ କହି ଫୋନ କାଟିଦେଲେ।

ଗାଡ଼ିରେ ବସି ଅଜାଙ୍କ କଥା ଭାବୁଥିଲି । ଛାତି ଭିତରଟା କେମିତି ମୋର ସ୍ତବ୍ଧ ହୋଇଯିବା ପରି ଅନୁଭବ କରୁଥିଲି । ଆଖିରୁ ଲୁହ ଝରେଇ ଗାଡି କାଚ ଖୋଲି ଶୂନ୍ୟ ଆକାଶକୁ ଚାହିଁ ରହିଥିଲି । ମନେ ପଡିଯାଉଥିଲା ଅଜା ଆଇଙ୍କ ସହିତ ମାମୁଘରେ ବିତିଥିବା ପୁରୁଣା ସ୍ମୃତି ସବୁ ।

ଏଇ "ମାମୁ ଘର" ଶବ୍ଦଟି ମନକୁ ଆସିବା ମାତ୍ରକେ ଦେହରେ, ମନରେ ଖେଳିଯାଏ ଅପୂର୍ବ ରୋମାଞ୍ଚ। ବାଲ୍ୟ ଜୀବନ, କିଶୋରୀ ଜୀବନର ଆକର୍ଷଣର କେନ୍ଦ୍ରସ୍ଥଳ ଥିଲା ସେଇ ମାମୁଘର । ସ୍ନେହ ସରାଗର ଅସରନ୍ତି ଆଶ୍ରୟସ୍ଥଳ ଥିଲା ସେଇ ମାମୁଘର । ମାମୁଁ ମାଇଁଙ୍କ ଆଦର, ଅଜା ଆଇଙ୍କ ସ୍ନେହ ଶ୍ରଦ୍ଧା ପାଖରେ ଯେମିତି ଫିକା ପଡ଼ିଯାଏ ସବୁକିଛି । ଜୀବନର ଅଭୁଲା ଅଧ୍ୟାୟର ଗନ୍ତାଘର ସେଇ ମାମୁଘର ।

ରଜ, କୁଆଁର ପୁନେଇଁରେ ମାମୁଘର ଥିଲା ଆମର ଆଡ୍ଡାସ୍ଥଳୀ। ଖରାଦିନ ଛୁଟିରେ ଆମେ ପାଞ୍ଚ ଭାଇ ଭଉଣୀ ଯାଇ ମାମୁଘରେ ହାଜର। କେବେ ସ୍କୁଲ ଛୁଟି ହେବ, ଆମେ ମାମୁଘରକୁ ଯିବୁ ବୋଲି ମନ ଥୟ ଧରେନା । ପିଠାପଣା ସାଙ୍ଗକୁ ରଜରେ ଦୋଳିଖେଳ, କୁମାରପୂର୍ଣ୍ଣମୀ ସଞ୍ଜରେ ଚଉଁରାମୂଳେ ଚାନ୍ଦପୂଜା ଏବଂ ଗାଁ ଦାଣ୍ଡରେ ପୁଚି ଖେଳ ସାଙ୍ଗକୁ ଚାନ୍ଦକୁ ଦେଖି ଲିଆ ଖାଇବାର ମଜା ଖୁବ ନିଆରା ଅନୁଭବ । ପାଳଭୂତ ସାଙ୍ଗରେ ଗାଁରେ ବୁଲିବା ସହିତ ଫୁଲ ବଉଳବେଣୀ ଗୀତରେ ରାତି ପାହିବାର ଅନୁଭୂତି ଏବେବି ଆନମନା କରେ । ଲୁଚକାଳି, ଖପରା ଡିଆଁ, କାଚ କଉଡ଼ି, ବିଷ ଅମୃତ, ବୋହୂଚୋରି, ଚକାଚକା ଭଉଁରୀ ଆଦି ଖେଳରେ କେମିତି କଟିଯାଏ ଛୁଟିଦିନ ଜଣାପଡ଼େନା । ଆମ୍ବ, ପିଜୁଳି ସାଙ୍ଗକୁ ଖଟାକମଳାକୁ ଲୁଣଲଙ୍କାରେ ମନ୍ଥି ଖାଇବା ସେଇ ମାମୁଘରୁ ହିଁ ଶିଖିଚୁ । ପଖାଳ ଖିଆ, ନଈ ପହଁରା ସବୁ ସେଇ ମାମୁଘର ଶିଖେଇଛି । ଲାଗେ ଯେମିତି ସବୁ ସୁଆଦ ଏଇ ମାମୁଘରେ ଠୁଳ ହୋଇଥିଲା । ମାମୁଘର ବାଡ଼ିପଟେ ଥିବା ବିରାଟ ପୋଖରୀରେ ଆମେ ଦଳକଯାକ ଭାଇଭଉଣୀ ଏମିତି ବୁଡିକି ପହଁରୁଥିବୁ ଯେ, ପୋଖରୀହୁଡ଼ା ଉପରେ ଛିଡା ହୋଇ ଆଇ ଡାକ ଛାଡୁଥିବ - କଳଘରୁ ଅଜା ଆସିବାର ବେଳ ହୋଇଗଲାଣି, ଏଥର ପଳେଇଆସ। ଆଉ ପାଣିରେ ବୁଡ଼ନି ଥଣ୍ଡା ଧରିବ । ପୋଖରୀ ପାଣି ଭିତରେ ଥାଇ ଆମେମାନେ ଆଇକୁ ଖତେଇ ହେଉ । ଆଇ ରାଗିକି କହେ, 'କଅଣ ହଉଛ କିଲୋ! ପୋଖରୀ ପାଣିକି ଦି 'ଭାଗ କରୁଛ । ବାପାକୁ ଡକେଇ ଆଜି ତମଘରକୁ ବିଦା କରିଦେବି ।' ଆମେ ଜାଣୁ ଆଇ ସେମିତି କିଛି କରିବନି।

ରାତିରେ କିଏ ଆଇ ପାଖରେ ଶୋଇବ ବୋଲି ଆମ ଭିତରେ ଚାଲେ ଛକାପଞ୍ଝା । ଆଇ ଆମକୁ ଟୁଆଁ ଟୁଇଁ, ବୁଢ଼ୀ ଅସୁରୁଣୀ, ରାଜାପୁଅ ମନ୍ତ୍ରୀ ପୁଅ, କାଞ୍ଚନ କାହାଣୀ, ପୁରାଣ କଥା ଏମିତି ନାନାପ୍ରକାର ଗପ ଶୁଣାଏ । ଆମେମାନେ କାନ ଡେରି ତା ଗପ ଶୁଣି ଶୋଇପଡୁ । ତା କାହାଣୀ ଆମକୁ ସବୁ ସତପରି ଲାଗେ । ସେଇ ଗପସବୁ ଯେତେ ଶୁଣିଲେ ବି ଆହୁରି ଶୁଣିବାକୁ ଇଚ୍ଛା ହୁଏ । ମାମୁଘର ରହଣିର ସେଇ ସୁଖର ଦିନସବୁ କେତେ ଜଲଦି ପଳାଏ, କିଛି ଜଣାପଡ଼େନି । ସ୍କୁଲ ଖୋଲିବା ବେଳ ହେଲେ ମନଦୁଃଖରେ ଘରକୁ ଫେରୁ । ହାତ ତିଆରି ବଡି, ମୁଡିମୁଆଁ, ଆରିସାପିଠା, ରାଶିଲଡୁ, ବାଦାମଲଡୁ, ନଡ଼ିଆକୋରା ଆଦି ଆଇ ବ୍ୟାଗ ଭର୍ତ୍ତି କରି ଦେଇଥାଏ । ଆଇ, ମାଇଁ ଆମମାନଙ୍କୁ ବାଟେଇଦେବା ପାଇଁ କିଛି ବାଟ ଆସନ୍ତି । ଆଖିରୁ ଲୁହ ପୋଛି ଘରକୁ ଫେରନ୍ତି ।

ସବୁଥର ପରି ସେଥରକ ମଧ୍ୟ ଖରା ଛୁଟିରେ ମାମୁଘରକୁ ଯାଇଥାଉ । ମୋ ଭାଇ ଭଉଣୀଙ୍କୁ ଧରି ଗାଁର ଅନ୍ୟ ପିଲାମାନଙ୍କ ସହ ଓପଡା ସରିଥିବା ବାଦାମ ବିଲକୁ ଚାଲିଲୁ । ବିଲରେ ପଡ଼ିଥିବା ବାଦାମକୁ ସମସ୍ତେ ମିଶି କିଛି କିଛି ସଂଗ୍ରହ କରି ଗାଁ ଦାଣ୍ଡକୁ ଆସିଥିବା ଆଇସକ୍ରିମ ବିକାଳିକୁ ଦେଇ ନଡ଼ିଆ ଆଇସକ୍ରିମ ଖାଇଲୁ । ସମସ୍ତେ ଗୋଟେ ଗୋଟେ ହାତରେ ଧରି ଖାଉଥାଉ । ଠିକ ଏତିକିବେଳେ କଳଘରୁ ଅଜା ଆସି ପହଞ୍ଚିଗଲେ । ଏ ଦୃଶ୍ୟ ଦେଖି ସେ ଆଉ କ୍ରୋଧ ସମ୍ବରଣ କରିପାରିଲେ ନାହିଁ । କହିଲେ - ଭିକାରି ପିଲା ପରି ବିଲରୁ ସାଉଁଟି ବାଦାମ ଦେଇ ଆଇସକ୍ରିମ ଖାଉଛ । ସବୁବେଳେ ତମ ପେଟ ପୋଡିଯାଉଛି! ମୁଁ ସବୁଠାରୁ ବଡ଼ ହୋଇଥିବାରୁ ମୋ ଉପରେ ସମସ୍ତ ଗାଳି ପଡିଲା । କେବଳ ସେତିକି ନୁହେଁ ସେ ଧରିଥିବା ବଙ୍କୁଲି ବାଡ଼ିରେ ମୋ ପିଠିରେ ଦୁଇ ପାହାର ଦେଲେ ତାହାବି ସମସ୍ତଙ୍କ ସାମ୍ନାରେ । ମାଡ଼ ତ ମତେ ଯାହା କଷ୍ଟ ହେଲା ତା ଠାରୁ ଅଧିକ ଅପମାନ ବୋଧହେଲା । ମନେ ମନେ ସ୍ଥିର କଲି ଅଜା ତାଙ୍କ ବଙ୍କୁଲି ବାଡ଼ି ଖୋଜିଲେ ବି ଆଉ ପାଇବେ ନାହିଁ । ଧୁ ଧୁ ଖରାବେଳ । ଝାଂଜି ଖରାରୁ ନିସ୍ତାର ପାଇବା ପାଇଁ ସମସ୍ତେ ଖାଇ ଶୋଇଥାଆନ୍ତି । ମୁଁ ଧୀରେ ଧୀରେ ଶୋଇବା ଜାଗାରୁ ଖସି ବାଟଘରେ ଟଙ୍ଗା ହୋଇଥିବା ବଙ୍କୁଲି ବାଡ଼ିଟି ନେଇ ବାଡ଼ିପଟେ ଥିବା ପୋଖରୀ ମଝିକୁ ଫିଙ୍ଗିଦେଲି । ପୁଣି ଚୁପି ଚୁପି ଆସି ଆଇ ପାଖରେ ଶୋଇ ପଡିଲି।

ଖରା ଲେଉଟିବା ପରେ ଅଜା ତାଙ୍କ କଳଘରକୁ ଯିବାପାଇଁ ବାହାରିଲେ । ବାଟ ଘରକୁ ଯାଇ ଦେଖନ୍ତି ତ ଟଙ୍ଗା ହୋଇଥିବା ଜାଗାରେ ତାଙ୍କ ବଙ୍କୁଲି ବାଡ଼ି ନାହିଁ । ସେଇଠି ଥାଇ ଡାକ ଛାଡିଲେ ଆଇକୁ। ଆଇ ତାଙ୍କ ବଙ୍କୁଲି ବାଡ଼ି ହଜିଥିବା କଥା ଶୁଣି ଆଶ୍ଚର୍ଯ୍ୟ ହେଲା । ଠିକଣା ଜାଗାରେ ରଖି ନଥିବ କହି ଇଆଡ଼େ ସିଆଡେ ଖୋଜିବାକୁ ଲାଗିଲା । ହେଲେ ବଙ୍କୁଲି ବାଡ଼ି ଆଉ ମିଳିଲା ନାହିଁ । ସବୁ ଜାଣି ମୁଁ ବିଛଣାରେ ଆଖି ବୁଜି ସେମିତି ପଡିରହିଥାଏ ଆଉ ମନେ ମନେ ଖୁସି ହେଉଥାଏ । ମୋର ସେହି ଖୁସି ଖୁବ କମ୍ ସମୟରେ ମିଳେଇ ଗଲା ଯେତେବେଳେ ଦେଖିଲି ଅଜା ଦାଣ୍ଡ ପାହାଚରେ ମନ ଦୁଃଖରେ ବସିଛନ୍ତି କଳ ଘରକୁ ନଯାଇ । ଅଜାଙ୍କୁ ବାଙ୍କୁଲି ବାଡ଼ି ଧରି ଚାଲିବାର ବୟସ ହେଇ ନଥିଲା, କିନ୍ତୁ ତାଙ୍କର ଅଣ୍ଟା ସମସ୍ୟା ପାଇଁ ଡାକ୍ତର ତାଙ୍କୁ ବାଡ଼ିଧରି ଚାଲିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ପାଖରେ ଯାଇ ବସିଲି ଆଉ ଧୀରେ ଧୀରେ କହିଲି, 'ଅଜା! ମନ ଦୁଃଖ କରନି, ବାପାଙ୍କୁ କହିବି ସେ ଆଉ ଗୋଟେ ତମ୍ବା ବେଣ୍ଟଦିଆ ବଙ୍କୁଲି ବାଡ଼ିଟେ ଆଣିଦେବେ ଠିକ ଯେମିତି ତୁମର ଥିଲା ।'ଅଜା ମୋ ମୁଣ୍ଡକୁ ଆଉଁସି କହିଲେ, ନାଇଁରେ ନାତୁଣୀ! ବଙ୍କୁଲି ବାଡ଼ି କିଏ ନେଇଗଲା ସେଥିପାଇଁ ମୁଁ ମନ ଦୁଃଖ କରୁନି, ମୁଁ ଚକିତ ହେଉଛି ଆମେ ଏତେ ଲୋକ ଘରେ ଥାଉ ଥାଉ ଦିନ ଦି 'ପହରେ ଘରେ ପଶି କିଏ ନେଇଗଲା । ଘରର ସୁରକ୍ଷା ଦୃଷ୍ଟିରୁ ମତେ ଦାଣ୍ଡ କବାଟ ସାମ୍ନାରେ ଲୁହା ଗ୍ରିଲ ଖୁବ ଶୀଘ୍ର ଲଗେଇବାକୁ ପଡିବ । 'ଜେଜେଙ୍କ କଥା ଶୁଣି ନିଃଶବ୍ଦରେ ମୁଣ୍ଡ ଟୁଙ୍ଗାରିଲି । ସେଦିନ ରାତିରେ ଶୋଇବାବେଳେ ଆଇ ମତେ ଚୁପି ଚୁପି ପଚାରିଲା, ମାଆଲୋ! ତୁ ଅଜାଙ୍କ ବଙ୍କୁଲି ବାଡ଼ି କୋଉଠି ଲୁଚେଇଛୁ କି? ମତେ କହିଦେ, ମୁଁ କାହାକୁ କହିବିନି । 'ଆଇକୁ ସଫା ସଫା ମନା କରିଦେଲି । ହେଲେ ଏବେ ଯେତେବେଳେ ସେହି କଥା ମନେପଡ଼ିଯାଏ ନିଜକୁ ଭାରି ଖରାପ ଲାଗେ।

ବାହାଘର ପରେ ମାମୁଘର ଯାଇ ରହିବାକୁ ଆଉ ସୁଯୋଗ ମିଳିନି । ଥରୁଟିଏ କେବଳ ସୁଯୋଗ ମିଳିଥିଲା ମାମୁଁଙ୍କ ଦେହ ଖରାପ ଖବର ଶୁଣି ମୋ ଝିଅକୁ ନେଇ ଆସିଥିଲି । ସ୍ୱାମୀଙ୍କ ସହ କଥାବାର୍ତ୍ତା ବେଳେ ମୋର ଅଧିକାଂଶ କଥା ଥାଏ କେବଳ ମାମୁଘରକୁ ନେଇ । ସେସବୁ କଥା ବଖାଣୁଥିବା ବେଳେ ସ୍ୱାମୀ ମଧ ଉଲ୍ଲସିତ ହୋଇ ଶୁଣନ୍ତି । କେବେ ଆମେ ମାମୁଘରକୁ ଯିବା ବୋଲି କହିଲେ, ସମ୍ପୂର୍ଣ୍ଣ ଭରସା ଦେଇ କୁହନ୍ତି ନିଶ୍ଚୟ ଯିବା । ଅନେକ ଥର ଭାବିଛୁ, ଚେଷ୍ଟା କରିଛୁ କିନ୍ତୁ ଯାଇପାରିନୁ । ମଧୁମୟ ସ୍ମୃତିମାନେ କେବଳ ମତେ ଅସ୍ତବ୍ୟସ୍ତ କରିଛନ୍ତି।

ମାମୁଘରେ ପହଞ୍ଚିଲା ବେଳକୁ ବେଳ ରତରତ । ଅଜାଙ୍କ ନିସ୍ତେଜ ଶରୀର ଖଟ ଉପରେ ପଡ଼ିରହିଥିଲା । ଆଇ ତାଙ୍କ ପାଖରେ



ବସି ଲୁହ ଗଡ଼ଉଥିଲା । ହଠାତ୍ ମତେ ଦେଖି ଜୋରରେ କାନ୍ଦିବାକୁ ଲାଗିଲା। ଆଇକୁ ଜାବୁଡି ଧରି କାନ୍ଦିଲା ବେଳକୁ ପୁରୁଣା ସ୍ମୃତି ସବୁ ଆଖିଆଗରେ ନାଚି ଉଠୁଥିଲା । ଆଇର ମୁଣ୍ଡକୁ ଆଉଁସି ବୋଧ କଲି । ସେତେବେଳକୁ କୋକେଇ ବନ୍ଧା ସାରିଥାଏ । ଅଜାଙ୍କୁ କୋକେଇକୁ ନେଲା ବେଳକୁ ମାମୁ ମାଇଁ ସମସ୍ତେ ବୁକୁ ଫଟେଇ କାନ୍ଦି ଉଠିଲେ । ଅଜାଙ୍କ ହେମାଳ ପାଦଦୁଇଟିକୁ ଛୁଇଁ ଶେଷଥର ପାଇଁ ପ୍ରଣାମ କଲି। କୋକେଇ ଉଠିଲା, 'ରାମ ନାମ ସତ୍ୟ ହେ 'ଧ୍ୱନିରେ ମାମୁଘର ଗାଁ ଦାଣ୍ଡ ପ୍ରକମ୍ପିତ ହେଲା । ଆଇ ସେତିକିବେଳେ ମୂର୍ଚ୍ଛା ଗଲା । ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଆଇକୁ ଟେକିନେଇ ଖଟ ଉପରେ ଶୁଆଇଦେଲୁ । ପାଞ୍ଚମିନିଟ ଧରି ମୁହଁରେ ପାଣି ଛିଞ୍ଚିବା ପରେ ତା'ର ଚେତା ଫେରିଲା । ସ୍ୱାମୀଙ୍କୁ ଡ଼ାକିନେଲେ ମଶାଣି ଆଡେ । ମୁଁ ଚାହିଁ ରହିଥିଲି ଆଇର ନିସ୍ତେଜ ମୁହଁକୁ । ତା କପାଳରେ ହାତ ବୁଲାଉ ବୁଲାଉ ସେ ଉଠି ବସିଲା ଆଉ କଇଁ କଇଁ ହୋଇ କାନ୍ଦି କହିଲା, ' ଅଜା ତୋର ବହୁତ ସମୟରେ ତତେ ମନେ ପକାନ୍ତି । ହଜି ଥିବା ସେ ବଙ୍କୁଲି ବାଡ଼ି ସେ ପରବର୍ଷ ପୋଖରୀ ଉଝଳା ସମୟରେ ପାଇଥିଲେ । ବାଡ଼ିଟା ତ ନଷ୍ଟ ହୋଇଯାଇଥିଲା, ସେ ତମ୍ବା ବେଣ୍ଟଟା ମିଳିଥିଲା । ସେଦିନ ସେ କହିଲେ, ବୁଝିଲ ସନା ବୋଉ! ଏ ହରକତ ତମ ବଡ଼ ନାତୁଣୀ ଛଡା ଆଉ କାହାର ନୁହେଁ । ମତେ ରାଣ ନିୟମ ପକେଇ କହିଥିଲେ ପରା ତତେ ନ କହିବାକୁ । ଏଇଭଳି ଭଲ ଲୋକ ଥିଲେ ତୋ ଅଜା । 'ଏତେକ କହି ସେ ପୁଣି କାନ୍ଦିବାକୁ ଲାଗିଲା ।

ଆଇ କଥା ଶୁଣି ତଟସ୍ଥ ହୋଇ ଚାହିଁଥିଲି ତାକୁ । ପାଟିରୁ ଆଉ ବଚନ ବାହାରିଲା ନାହିଁ। ଅଜା ଆଇଙ୍କ ମହାନତା ଆଗରେ ମୋ ମୁଣ୍ଡ ନଇଁଗଲା । ଅଜାଙ୍କୁ ସ୍ମରଣ କରି ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଈଶ୍ୱରଙ୍କୁ ହାତ ଯୋଡି ପ୍ରାର୍ଥନା କଲି ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# କୁଡୁମୁଲୁଗୁମ୍ମା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ମାଲକାନଗିରି, ୦୫/୪ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ପି ଏମ୍ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ୨୦୨୬ ଶିକ୍ଷାବର୍ଷ ର ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଗାଡଙ୍ଗୀ ସଭାପତିତ୍ୱ କରିଥିଲା ବେଳେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ, ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଦିବାକର ସୁନା, ସମାଜସେବୀ ଭଗବାନ ସାହୁ ଓ ପୂର୍ବତନ ସରପଂଚ ଗୋପି ପାଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମର ମଂଚ ସଂଚାଳନା ବିଦ୍ୟାଳୟର ଶିକ୍ଷକ ସୁଧାକର ନାୟକ କରିଥିଲେ । ଅତିଥି ମାନେ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରିଥିଲେ ଓ ଏହାପରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଏକ ପ୍ରାରମ୍ଭିକ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ସମ୍ମାନୀତ ଅତିଥି ଶ୍ରୀ ସାହୁ କହିଥିଲେ ଯେ, ଆଜିର ଏହି 'ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ' କେନ୍ଦ୍ର ସରକାରଙ୍କ ପ୍ରଣିତ ନୂତନ ଶିକ୍ଷା ନୀତି ୨୦୦୦ ର ଏକ ମହତ୍ ଅଂଶ ବିଶେଷ, ଯାହାକୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ଶତ୍ ପ୍ରତିଶତ ସଫଳତା ସହିତ କାର୍ଯ୍ୟାନ୍ୱୟନ କରାଯାଉଛି । ଏହାଦ୍ୱାରା ପିଲାଙ୍କ ମଧ୍ୟରେ ଏକ ଖୁସିର ବାତାବରଣ ସହ ଭବିଷ୍ୟତରେ ଏକ ନୂତନ ଉଦ୍ଦିପନା ସୃଷ୍ଟିରେ ସହାୟକ ହୋଇପାରିବ । ୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପିଲାଙ୍କୁ ବାଲବାଟିକା ପାଠ୍ୟକ୍ରମରେ ନାମ ଲେଖାଇବା ଶିକ୍ଷା ବିଭାଗର ଏକ ଅଭିନବ ଯୋଜନା ଓ ଏଥିରେ ଛୋଟ ଛୋଟ କୁନି ପିଲାମାନଙ୍କୁ ମଥାରେ ଚନ୍ଦନ ଟିକା ଦେଇ ଫୁଲ ଓ ହଳଦୀ ଚାଉଳ ପକାଇ ବିଦ୍ୟାଳୟ ପ୍ରବେଶକୁ ସମସ୍ତେ ସ୍ୱାଗତ କରିଥିଲେ ଓ ସ୍ଥାନୀୟ ପୁରୋହିତ ରମେଶ ଚନ୍ଦ୍ର ରଥ କୁନି ପିଲାମାନଙ୍କ ଖଡ଼ି ଛୁଆଁ ପର୍ବରେ ବିଭିନ୍ନ ଶ୍ଳୋକ ପଠନ କରିଥିଲେ । ଯେଉଁଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଗାଡାଙ୍ଗୀଙ୍କ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ କୁନି ପିଲାମାନଙ୍କୁ କଳାପଟାରେ ଖଡି ଦ୍ୱାରା '୦' ବା ମୁଣ୍ଡୁଳା ବୁଲାଇ ଖଡ଼ି ଛୁଆଁ ପର୍ବର ଶ୍ରୀ ଗଣେଷ କରାଇଥିଲେ । ଏହି ଅବସରରେ ପିଲାମାନଙ୍କୁ କିଛି ଶିକ୍ଷଣିୟ ଓ ଖେଳ ସାମଗ୍ରୀ ପ୍ରଦାନ ସହ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସର୍ବ ଶେଷରେ ଶିକ୍ଷକ ବିକାଶ ବଡଗୁଛିଆ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଡିଜେଲ ପକାଇବାକୁ ଅର୍ଥ ଅଭାବ ଓଏସଆରଟିସିର ୬ଟି ରୁଟରେ ବସ୍ ଚଳାଚଳ ବନ୍ଦ




ଜୟପୁର, ୦୫/୪ (ନି.ପ୍ର): ଜୟପୁର ଓଏସଆରଟିସି ଡିଜେଲ ପକାଇବାକୁ ଅର୍ଥ ଅଭାବ ହେତୁ ଓଏସଆରଟିସି ର ୬ଟି ରୁଟରେ ବସ ଚଳାଚଳ ବନ୍ଦ । ଜୟପୁରରୁ କଟକ, ସୋରଡା, ପାଲଲହଡ଼ା, ପାର୍ବତିପୁରମ୍ ଭଳି ୬ଟି ରୁଟ୍ ରେ ସରକାରୀ ବସ ସେବା ବାଧାପ୍ରାପ୍ତ ହୋଇଛି । ଫଳରେ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଯାଇଛି । ରାଜ୍ୟ ପରିବହନ ନିଗମ ପାଖରେ ତେଲ ପକାଇବାକୁ ନାହିଁ ଟଙ୍କା, ଯଦ୍ୱାରାକି ଜୟପୁରରୁ ବିଭିନ୍ନ ସ୍ଥାନକୁ ଯାଉଥିବା ୬ଟି ରୁଟରେ ବାତିଲ୍ ହୋଇଛି ସରକାରୀ ବସ୍ ସେବା, ଏପରି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି ରାଜ୍ୟ ପରିବହନ ନିଗମ ଜୟପୁର ୟୁନିଟରେ । ସାଧାରଣରେ ଲୋକେ ସରକାରୀ ବସ୍ ଉପରେ ଭରସା କରୁଥିବା ବେଳେ ଏପରି ବାତିଲ୍ ହେବା ଦ୍ୱାରା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ଜୟପୁର ଠାରୁ କଟକ ଭାୟା ରାୟଗଡା, ଜୟପୁରରୁ କଟକ ଭାୟା ଶ୍ରୀକାକୁଲମ, ଜୟପୁର ସୋରଡା, ଜୟପୁର ଫୁଲବାଣୀ, ଜୟପୁର କମଳାଡିହ ଓ ଜୟପୁର ପାର୍ବତିପୁରମ ରୁଟରେ ବସ ସେବା ବନ୍ଦ ରହିଛି, ଏହାର ଅଗ୍ରୀମ ଟିକେଟକୁ ମଧ୍ୟ ବାତିଲ୍ କରିଛନ୍ତି ଜୟପୁର ୟୁନିଟ କର୍ତ୍ତୃପକ୍ଷ । ଘଟଣାଟି ହେଉଛି ଯେ, ନିଗମର ସମସ୍ତ ବସ ଏକ ଅଧିକୃତ ପେଟ୍ରୋଲ ପମ୍ପରୁ ତେଲ ପକାଉଥିଲା, କିନ୍ତୁ ଅଧିକୃତ ପେଟ୍ରୋଲ ପମ୍ପ ତେଲ ଦେବାକୁ ମନା କରିଦେବା ଫଳରେ ଏହି ସବୁ ରୁଟରେ ବସକୁ ବନ୍ଦ କରିଛି ନିଗମ କ୍ଷ ଯେହେତୁ ତେଲ ବାବଦରେ ବକେୟା ଥିବା ହେତୁ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ମନା କରିଦେବା ଦ୍ୱାରା ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସେପଟେ ପେଟ୍ରୋଲ ପମ୍ପ ଗୁଡ଼ିକୁ ତେଲ ବିତରଣ କମ୍ପାନିମାନେ ବକେୟା ସୂତ୍ରରେ ତେଲ ଦେଉଥିଲେ କିନ୍ତୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ପେଟ୍ରୋଲ ଡିଜେଲ ରପ୍ତାନି ଉପରେ ପ୍ରଭାବ ପଡିଛି । ଏହାସହ ତୈଳ ବିତରଣ କମ୍ପାନି ଗୁଡିକ ତେଲ ବକେୟା ଦେଉନାହାନ୍ତି । ତେଣୁ ଅଧିକୃତ ପେଟ୍ରୋଲ ପମ୍ପ ମଧ୍ୟ ରାଜ୍ୟ ପରିବହନ ନିଗମକୁ ବାକିରେ ତେଲ ଦେବାକୁ ମନା କରିଦେଇଛି, ଯାହା ଫଳରେ ଏପରି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି । ଏବେ ସାଧାରଣରେ ପ୍ରଶ୍ନ ଉଠିଛି ଯେ ସତରେ କ'ଣ ନିଗମ ପାଖରେ ତେଲ ପକାଇବାକୁ ଟଙ୍କା ନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବକେୟା ଟଙ୍କା ମାର୍ଚ୍ଚ ଶେଷ ସୁଦ୍ଧା ଦେବାର ନିୟମ ରହିଛି, କିନ୍ତୁ ବିଭାଗ ଟଙ୍କା ଦେଇ ନଥିବାରୁ ପେଟ୍ରୋଲ ପମ୍ପ ମାଲିକ ତେଲ ଦେଉ ନାହାନ୍ତି । ସରକାରୀ ବସ ବାତିଲ ହୋଇଛି । ସାଧାରଣ ଜନତା ରାଜ୍ୟ ସରକାର ରଙ୍ଗ ବଦଳାଇବାକୁ ଟଙ୍କା ଅଛି ତେଲକୁ ଦେବାକୁ ଟଙ୍କା ନାହିଁ କି ବୋଲି କହିଛନ୍ତି ।

# ବଲାଙ୍ଗୀରରେ ପୌର ସଂସ୍ଥାର ମଡେଲ ଜଳଛତ୍ର ଉଦ୍‌ଘାଟନ

ବଲାଙ୍ଗୀର, ୦୫/୪ (ନି.ପ୍ର): ବଲାଙ୍ଗୀର ପୌର ପରିଷଦ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ମଡେଲ ଜଳ ଛତ୍ର ଆଜି ଉଦ୍ଘାଟନ କରାଯାଇଛି । ପୌରାଧକ୍ଷା ଲିକା ସାହୁଙ୍କ କରକମଳରେ ଏହି ଜଳ ଛତ୍ରର ଶୁଭ ଉଦ୍ଘାଟନ ହୋଇଥିଲା ।

ଏହି ଜଳ ଛତ୍ରଟି ୱାର୍ଡ ନମ୍ବର ୧୯ର 'ହର ଗୌରୀ ଏସଏଚଜି'ଙ୍କୁ ନିଯୁକ୍ତି ଦିଆଯାଇଛି । ଏଠାରେ ସାଧାରଣ ଲୋକଙ୍କ ପାଇଁ ଲେମ୍ବୁ ପାଣି, ଦହି ପାଣି, ରସନା ପାଣି, ମିଠା ପାଣି, ଥଣ୍ଡା ପାଣି ସହିତ ଥଣ୍ଡା ଗାମୁଛା ବ୍ୟବସ୍ଥା ରହିଛି । ସେଥିପାଇଁ ପ୍ରାଥମିକ ଚିକିତ୍ସା(ଫାଷ୍ଟଏଡ୍) ସୁବିଧା ମଧ୍ୟ ଉପଲବ୍ଧ ଅଛି । କୁଲର୍ ମାଧ୍ୟମରେ ଥଣ୍ଡା ପବନ ବ୍ୟବସ୍ଥା ସହିତ ପରିବେଶକୁ ସୁନ୍ଦର କରିବା ପାଇଁ ବିଭିନ୍ନ ଗଛପତ୍ର ରଖାଯାଇଛି ।

ଏହି କାର୍ଯ୍ୟକ୍ରମରେ ଉପ ପୌରାଧକ୍ଷା ଗାୟତ୍ରୀ ଭୋଇ, ପୌର ପରିଷଦର ନିର୍ବାହୀ ଅଧିକାରୀ, କାଉନସିଲର ଶମ୍ଭୁ ନାଗ, ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ପୌର ପରିଷଦ ପକ୍ଷରୁ କୁହାଯାଇଛି ଯେ, ସହରର ବ୍ୟବସାୟୀ ସଂସ୍ଥା ଓ ବ୍ୟାଙ୍କମାନେ ଇଚ୍ଛାକଲେ ନିର୍ଦ୍ଧାରିତ ଶୁଳ୍କ ଦେଇ ସ୍ପୋନ୍ସର ହେଇ ପାରିବେ ଓ ନିଜ କମ୍ପାନୀର ବ୍ୟାନର ଏଠାରେ ପ୍ରଦର୍ଶନ କରିପାରିବେ । ଏହାସହିତ ଜନସାଧାରଣଙ୍କ ପକ୍ଷରୁ ଦହି ପାଣିର ବ୍ୟବସ୍ଥା ବୃଦ୍ଧି କରିବାକୁ ଅନୁରୋଧ ମଧ୍ୟ ହୋଇଛି ।

ଆଗାମୀ ତୀବ୍ର ଖରାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଜନଗହଳି ସ୍ଥାନରେ ଏଭଳି ଅଧିକ ମଡେଲ ଜଳ ଛତ୍ର ଖୋଲାଯିବ ବୋଲି ପୌରାଧକ୍ଷା ଲିକା ସାହୁ ସୂଚନା ଦେଇଛନ୍ତି ।

# ଓଡ଼ିଆ ନାମ ଫଳକ ଲିଖନ ଅଭିଯାନ ସଚେତନତା ଶୋଭାଯାତ୍ରା

ପୁରୀ, ୦୫/୪ (ନି.ପ୍ର): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡିଶା ସରକାର ଏବଂ ଜିଲ୍ଲା ପ୍ରଶାସନ, ପୁରୀ ତରଫରୁ ପୁରୀ ଜିଲ୍ଲାର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ସମ୍ପର୍କରେ ଆଜି ପୂର୍ବାହ୍ନ ୭ଟା ୩୦ ରେ ଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟରେ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ପତାକା ଦେଖାଇ ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଶୁଭ ଉଦ୍ଘାଟନ କରି, ସରକାରଙ୍କ ନିଷ୍ପତି ଅନୁସାରେ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି ବୋଲି କହିଥିଲେ । ପ୍ରତ୍ୟକ ଦିନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି ବୋଲି ସେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଜି ଜିଲ୍ଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଆ ନାମଫଳକ ପ୍ରଦର୍ଶନ କରିବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ରହିଛି ଏବଂ ଏହି ସମ୍ବନ୍ଧରେ ପ୍ରବର୍ତନର ପ୍ରାବଧାନ ରହିଛି ଗୁଲି ଉଲ୍ଲେଖ କରିଥିଲେ । ଆମେ ଓଡ଼ିଆ, ଆମର ଭାଷା, ଖାଦ୍ୟପେୟ, ପରିଧାନ ଅତ୍ୟନ୍ତ ଆକର୍ଷଣୀୟ ; ତେଣୁ ଆମ ମହାନ ଐତିହ ଓ ପରମ୍ପରା ଅକ୍ଷୁର୍ଣ୍ଣ ରଖିବା ସହ ଓଡ଼ିଆ ଭାଷାକୁ ଉପଯୁକ୍ତ ସମ୍ମାନ ଜଣାଇ ନାମଫଳକକୁ ସର୍ବାଗ୍ରେ ଓଡ଼ିଆ କରିବାକୁ ଶ୍ରୀ ବେହେରା ଅନୁରୋଧ କରିଥିଲେ । ପରେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସମୁଦ୍ରକୂଳ ସ୍ଥିତ ଶ୍ରୀ ଚୈତନ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଏହି ଶୋଭାଯାତ୍ରାରେ ନାମଫଳକ ଲେଖିବା ସମ୍ବନ୍ଧରେ ପ୍ଲାକାର୍ଡ଼ ଓ ସ୍ଲୋଗାନ ମାଧ୍ୟମରେ ସଚେତନତା କରାଯିବା ସହ ଲୀଫଲେଟ ବଂଟନ କରାଗଲା । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ଆଶିଷ କୁମାର ମାଝୀ, ଶ୍ରୀମତୀ ପଲ୍ଲବୀ ସାହୁ, ଚିନ୍ମୟ ପ୍ରିୟଦର୍ଶୀ ଓ ଆଶୁତୋଷ ସାହୁ ଉପସ୍ଥିତ ଥିଲେ । ଏତଦ୍ ବ୍ୟତୀତ ପୁରୀ ଜିଲ୍ଲାର ବିଭିନ୍ନ ପ୍ରିଂଟ ଏବଂ ଇଲେକ୍ଟ୍ରୋନିକସ ମିଡ଼ିଆର ସାମ୍ବାଦିକ ଗଣ, ବିଭିନ୍ନ ଅଟୋ ଚାଳକ ସଂଘ, ନିର୍ମାଣ ଶ୍ରମିକ ସଂଘ, ଦୋକାନ ଓ ବାଣିଜ୍ୟ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତାମାନେ ଶହ ଶହ ସଂଖ୍ୟାରେ ଉକ୍ତ ପଦଯାତ୍ରାରେ ଯୋଗଦାନ କରିଥିଲେ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ସଙ୍ଗୀତ ଓ ତର୍କ ପ୍ରତିଯୋଗିତା

ନୂଆପଡ଼ା, ୦୫/୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ଓ ତର୍କ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଥିଲା । ସଙ୍ଗୀତ ପ୍ରତିଯୋଗିତାରେ ଝିନିତା ପଟେଲ, ନିରୂପମା ନାଗ, ଶୁଭଲକ୍ଷ୍ମୀ ମହାପାତ୍ର ଏବଂ ବକ୍ତୃତାରେ ସୁବାଷ ଚନ୍ଦ୍ର ବାଗ, ଝିନିତା ପଟେଲ, ହରିପ୍ରିୟା ସଗରିଆ ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ହରିବନ୍ଧୁ ହଂସ ପରିଚାଳନା କରିଥିଲେ । ବିଚାରକ ଭାବରେ ଛାତ୍ର କଲ୍ୟାଣ ଅଧିକାରୀ ଡଃ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ଅଭିଷେକ ରଥ, ବିଭାଗୀୟ ମୁଖ୍ୟ ସୁରଞ୍ଜନ ପ୍ରଧାନ, ଅଧ୍ୟାପିକା କାଜଲ ମେହେର, ଅଧ୍ୟାପକ ମହାଦେବ ଭୋଇ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ 'ଓଡ଼ିଆ ପକ୍ଷ'କୁ ସଫଳ କରିଥିଲେ । ଶେଷରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ନାମଫଳକ ଓଡ଼ିଆରେ' ଲେଖା ଅଭିଯାନ ସଚେତନତା ପଦଯାତ୍ରା

ବଲାଙ୍ଗିର, ୦୫/୪ (ନି.ପ୍ର): ଓଡ଼ିଶା ପକ୍ଷ ଦିବସ ପାଳନ ଅବସରରେ ଶ୍ରମ ଆୟୁକ୍ତ, ବଲାଙ୍ଗିରଙ୍କ ପକ୍ଷରୁ 'ନାମଫଳକ ଓଡ଼ିଆରେ' ଲେଖା ଅଭିଯାନ ସଚେତନତା ପଦଯାତ୍ରାର ଶୁଭାରମ୍ଭ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ପରିସରରୁ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠି, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ପଦଯାତ୍ରା ସହରର ପ୍ରମୁଖ ରାସ୍ତା ଓ ଛକ ଦେଇ ଆୟୋଜିତ ହୋଇ, ଜନସାଧାରଣ ଓ ବ୍ୟବସାୟୀଙ୍କୁ ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ ଭାବରେ ଲେଖିବା ପାଇଁ ସଚେତନ କରାଯାଇଥିଲା । ଏହି ଅଭିଯାନରେ ସହକାରୀ ଶ୍ରମ ଅଧିକାରୀ କେଶବ ବେହେରା, ରଜନୀକାନ୍ତ ଛତ୍ରିଆ, ବିଭୁଦତ ମଲ୍ଲିକ, ସୁଶ୍ରୀ ଦୀପା ନେଟି, ପ୍ରେମରଞ୍ଜନ ରଣା, ଅଭୟ କୁମାର ମହାକୁର, ରାଜୀବ କୁମାର ମହାନ୍ତି, ଗ୍ରାମୀଣ ଶ୍ରମ ନିରୀକ୍ଷକ ଅଶୋକ କୁମାର ଡୁଙ୍ଗ ଡୁଙ୍ଗ ସହିତ ଶ୍ରମ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

ଏହା ସହ, ଓଡ଼ିଶା ପକ୍ଷ ଦିବସ ପାଳନ ଅବସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆର.ଆର. କଲୋନୀ ଉଚ୍ଚ ବିଦ୍ୟାଳୟ, ଲର୍କପାଲିରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ 'ଖଡ଼ି ଛୁଆଁ–୨୦୨୬' ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରିନା ବେହେରା, ସେବାଶ୍ରୀ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ପ୍ରଧାନଶିକ୍ଷକ କିଶୋର ହନୁମାନ ମଞ୍ଚାସୀନ ଥିଲେ । ଆଜିର କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ବେଗ ଓ ଶିକ୍ଷା ସାମଗ୍ରୀ ପ୍ରଦାନ କରାଯାଇଥିଲା । ଶିଶୁମାନଙ୍କୁ ଆକୃଷ୍ଟ କରିବା ପାଇଁ 'ଖେଳଘର', 'ରଙ୍ଗପସରା' ଓ 'ଗପଘର' ଭଳି ବିଭିନ୍ନ ଷ୍ଟଲ ସଜାଯାଇଥିଲା । ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ଥିଲା — ଶିଶୁମାନଙ୍କୁ ଶିକ୍ଷା, ସୃଜନଶୀଳତା ଓ ମନୋରଞ୍ଜନ ସହିତ ସମ୍ପୃକ୍ତ କରିବା । 'ଖେଳଘର' ମାଧ୍ୟମରେ ସଂଖ୍ୟା, 'ରଙ୍ଗପସରା' ମାଧ୍ୟମରେ ଚିତ୍ରାଙ୍କନ ଓ 'ଗପଘର' ମାଧ୍ୟମରେ କଥାକାହାଣୀର ଆନନ୍ଦ ଉପଭୋଗ କରିବାର ସୁଯୋଗ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ପତାକା ଦେଖାଇ ସଚେତନତା ରଥର ଉଦ୍ଘାଟନ କରିଥିଲେ । ସଦର ବ୍ଲକର ସମସ୍ତ ସହ-ଶିକ୍ଷା ଅଧିକାରୀ, ସିଆରସିସି, ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

# ଓଡିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଂଟରକୁ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚାରୋଟି ପଦକ

କେନ୍ଦୁଝର, ୦୫/୪ (ନି.ପ୍ର): ଓଡିଶାର କେନ୍ଦୁଝରରେ ଅବସ୍ଥିତ ଓଡିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଣ୍ଟର ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬ର ପ୍ରଥମ ସଂସ୍କରଣରେ ଚାରୋଟି ପଦକ ହାସଲ କରିଛି । ଏହି ପ୍ରତିଯୋଗିତା ଛତିଶଗଡ଼ର ରାଇପୁରରେ ମାର୍ଚ୍ଚ ୨୫ ରୁ ଏପ୍ରିଲ ୦୩, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ।

ଏହି ସେଂଟରର ଅର୍ଜୁନ ଖାରା (୨୩) ରିକର୍ଭ ବ୍ୟକ୍ତିଗତ ବିଭାଗରେ ସୁନା ପଦକ ଜିତି ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଚ୍ୟାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି ଓ ଅର୍ଜୁନ, ରିକର୍ଭ ମିକ୍ସଡ୍ ଟିମ୍ ଓ ରିକର୍ଭ ଟିମ୍ ବିଭାଗରେ ମଧ୍ୟ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି । ସେହିପରିଓଡିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଣ୍ଟରର ରମାଇ ମୁର୍ମୁ (୧୬) ରିକର୍ଭ ଟିମ୍ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୧୦୬ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ କର୍ଣ୍ଣାଟକ ୨୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ସହିତ ସମଗ୍ର ଚ୍ୟାମ୍ପିଅନ୍ ହୋଇଛି, ଯେଉଁଠାରେ ଓଡିଶା ୨୧ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୨୧ଟି କାଂସ୍ୟ ପଦକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି ।

ପ୍ରାୟ ୩,୮୦୦ ଖେଳାଳି ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ନଅଟି ବିଭାଗରେ ଅଂଶଗ୍ରହଣ କରିଥିଲେ, ଯାହା ଏହି ଖେଳର ପରିମାଣ ଓ ଗୁରୁତ୍ୱକୁ ପ୍ରକାଶ କରେ । ୨୦୧୮ ମସିହାରେ ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ ଓ ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପ୍ରୟାସ ଦେଶବ୍ୟାପୀ ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଓଡିଶା ଟାଟା ଆର୍ଚେରି ହାଇ ପର୍ଫର୍ମାନ୍ସ ସେଂଟର ହେଉଛି ଓଡିଶା ସରକାର ଓ ଟାଟା ଷ୍ଟିଲ୍ର ଏକ ସଂଯୁକ୍ତ ପ୍ରୟାସ, ଯାହା କେନ୍ଦୁଝରରେ ସ୍ଥାପିତ ହୋଇ ତୀରନ୍ଦାଜୀ ମାନଙ୍କୁ ଆଧୁନିକ ସାମଗ୍ରୀ ଓ ପେଶାଦାର ପ୍ରଶିକ୍ଷଣ ମାଧ୍ୟମରେ ପ୍ରଶିକ୍ଷିତ କରୁଛି ।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସଚେତନତା ପଦଯାତ୍ରା

ଭଦ୍ରକ, ୦୫/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆଜି ବିଭିନ୍ନ ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି ପଦଯାତ୍ରାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ପୌରପାଳିକା ଅଧକ୍ଷା ଗୁଲମକୀ ଦଲଓ୍ୱାଜି ହବିବଙ୍କ ଦ୍ୱାରା ସକାଳ ୯ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଥିଲା । ପଦଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲା । ଏହି ସଚେତନତା ପଦଯାତ୍ରାରେ ପୌରପାଳିକା ଅଧକ୍ଷା, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଓ ରବିନାରାୟଣ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଭଦ୍ରକ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମଲ୍ଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ, ନିୟନ୍ତ୍ରିତ ବଜାର ସମିତି ସଦସ୍ୟ, ସମସ୍ତ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ, ପ୍ରଧାନ ଶିକ୍ଷକମାନେ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ମଣ୍ଡଳ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତନ), ସମସ୍ତ ସହ ଶ୍ରମ ଅଧିକାରୀ, ଶ୍ରମ ବିଭାଗର କର୍ମଚାରୀ, ଟାଉନ ଥାନା ଅଧିକାରୀ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ଫେଲୋସିପ ସଂଗଠନର ସଦସ୍ୟମାନେ, ୱାନ୍ ଷ୍ଟପ୍ ସେଂଟର ଓ ଚାଇଲ୍ଡଲାଇନ୍ ସଦସ୍ୟମାନେ, ବିଭିନ୍ନ ବୁଦ୍ଧିଜୀବୀ, କାଳୀପୂଜା ସମିତି ସଦସ୍ୟମାନେ, ଫେକର୍ ଓ ଫେକର୍ ଶ୍ରମିକ ସଂଘର କର୍ମକର୍ତା ଓ ସଦସ୍ୟମାନେ, ସ୍ଥାନୀୟ ବ୍ୟବସାୟୀ ସଂଘର କର୍ମକର୍ତାମାନେ, ଗାନ୍ଧୀ ଆବାସିକ କେନ୍ଦ୍ରର ସଦସ୍ୟ ଓ ଛାତ୍ରଛାତ୍ରୀ, ବିଭିନ୍ନ ବଣିକ ସଂଗଠନର ସଦସ୍ୟମାନେ, ପୋଲିସ କର୍ମଚାରୀ, ସାମ୍ବାଦିକମାନେ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ । ଏହା ସହ ଏକ ସଚେତନତା ରଥ ଓ ପ୍ରଚାର ପତ୍ରିକା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଅଂଚଳରେ ଘୁରି ଲୋକମାନଙ୍କୁ ଓଡ଼ିଆ ଭାଷାରେ ନାମଫଳକ ବ୍ୟବହାର ପ୍ରତି ସଚେତନ କରାଯାଉଛି ।

# ବୃହତ ଉଠା ଜଳସେଚନ ବିଭାଗର ବୈଠକ ଅନୁଷ୍ଠିତ

ନୂଆପଡା, ୦୫/୪ (ନି.ପ୍ର): ନୂଆପଡା ଜିଲ୍ଲାରେ ବୃହତ ଉଠା ଜଳସେଚନ ବିଭାଗର ଜିଲ୍ଲା ସ୍ତରୀୟ କାର୍ଯ୍ୟନ୍ୱୟନ ସମିତି(ଡିଏଲ୍ଆଇସି) ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମେଳନ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ମାଇକ୍ରୋ କମାଣ୍ଡ ଏରିଆ ଡେଭଲପମେଂଟ(ଏମସିଏଡି) କାର୍ଯ୍ୟକ୍ରମର ଜିଲ୍ଲା ସ୍ତରର କାର୍ଯ୍ୟନ୍ୱୟନ, ନିରୀକ୍ଷଣ ଓ ସମନ୍ୱୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲାପାଳ ଏମସିଏଡି କାର୍ଯ୍ୟକ୍ରମର ସୁଚାରୁ ଅମଲ ପାଇଁ କ୍ଲଷ୍ଟର ଚୟନ, ଜଳ ବ୍ୟବହାରକାରୀ ସମିତି ଗଠନ ଓ ଅନ୍ୟାନ୍ୟ ଯୋଜନା ସହ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଚାଷୀ ଓ ସରକାରଙ୍କ ମଧ୍ୟରେ ସେତୁ ସୃଷ୍ଟି ପାଇଁ ଚାନ୍ଦୋପୋଲା ଏମସିଏଡି କାର୍ଯ୍ୟକ୍ରମ ପାଇଁ ଚାଷୀ ସମ୍ପର୍କ ସଂସ୍ଥା ତଥା "ଫାର୍ମର ରିଲେସନସିପ ଏଜେନ୍ସି" ଗଠନ ପାଇଁ ନୂଆପଡା କୃଷି ବିଜ୍ଞାନ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ଏଫ୍ଆର୍ଏ ଦ୍ୱାରା ପାଣି କୃଷି ମିତ୍ର ମାଧ୍ୟମରେ ଚାଷୀଙ୍କ ସହ ସମ୍ପର୍କ ସ୍ଥାପନ, କ୍ଷମତା ବିକାଶ, ଫସଲ ପରିକଳ୍ପନା ଓ ବ୍ୟବସାୟ ମୂଳକ ସହାୟତା ଦେବାକୁ ଲକ୍ଷ୍ୟ ରହିଛି ।

ଏହି ବୈଠକରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ବୃହତ ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ହେମ କୁମାର ନାୟକ, ସିଡିଏଓ ପ୍ରଦୀପ କୁମାର ନାୟକ, ବରିଷ୍ଠ କୃଷି ବିଜ୍ଞାନୀ ଲବ ସୋରେନ ସହ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୧୬ ବର୍ଷରୁ କମ ଏଲିଟ କ୍ୟାମ୍ପ ଏନସିଏ ଶିବିରରେ କେନ୍ଦୁଝରରୁ ଆଶୁତୋଷ

କେନ୍ଦୁଝର, ୦୫/୪ (ନି.ପ୍ର): ଏନସିଏ ୧୬ ବର୍ଷରୁ କମ ବାଳକ ଏଲିଟ କ୍ୟାମ୍ପ ଲାଗି ଓଡିଶାର ୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି । ଗତ ବିଜୟ ମର୍ଚ୍ଚାଂଟ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଚୟନ ହୋଇଥିବା ଖେଳାଳିଙ୍କୁ ନେଇ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ)ଦେଶର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜନ କରୁଛି । ତୃଣମୂଳ ସ୍ତରରୁ ଦେଶର ବଛା ବଛା କ୍ରିକେଟ ଖେଳାଳିଙ୍କୁ ନେଇ ହେବାକୁ ଥିବା ଏହି ଶିବିରରେ ଯୋଗଦେବା ପାଇଁ ଓଡିଶାର ୩ ଜଣ ଖେଳାଳି ଚୟନ ହୋଇଛନ୍ତି । ଏହି ଶିବିର ଏକାଦିକ୍ରମେ ଅହମ୍ମଦାବାଦ, ଡେରାଡୁନ ଏବଂ ଜୟପୁର ଠାରେ ଆସନ୍ତା ମେ ୧୧ରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ଯୋଗଦେବା ପାଇଁ କେନ୍ଦୁଝର ଜିଲ୍ଲା ବଲାଣିରୁ ଆଶୁତୋଷ କୁମାର ନାଏକ ସ୍ଥାନ ପାଇଥିବାର ଜଣାଯାଇଛି । ଆଶୁତୋଷଙ୍କ ପିତା ସଞ୍ଜୟ କୁମାର ନାଏକ ଜିଲ୍ଲାର ଜଣେ ପୂର୍ବତନ କ୍ରିକେଟ ଖେଳାଳି ହୋଇଥିବା ବେଳେ ସେ ବର୍ତମାନ ବଡ଼ବିଲ ମାଟକାମବେଡା ସ୍ଥିତ ଆରିଆ ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀରେ କାର୍ଯ୍ୟରତ ଏବଂ ମା ନନ୍ଦିନୀ ନାଏକ ଜଣେ ଗୃହିଣୀ । ଆଶୁତୋଷ ମନୋନୀତ ହୋଇଥିବା ଖବର ମିଳିବା ପରେ ସମଗ୍ର ଜିଲ୍ଲାରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଆଶୁତୋଷଙ୍କୁ ଶୁଭେଚ୍ଛା ଜଣେଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# କୋଲାବିରା ସିଏଚସିରେ ଡାକ୍ତର ଓ ଭିତିଭୂମି ଅଭାବ: ପ୍ରତିବାଦରେ ଗଣଧାରଣା

ଝାରସୁଗୁଡା, ୦୫/୪ (ନି.ପ୍ର): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଦୀର୍ଘଦିନ ଧରି ଡାକ୍ତର ଓ ଆବଶ୍ୟକ ଭିତିଭୂମିର ଅଭାବ ନିମନ୍ତେ ସ୍ୱାସ୍ଥ୍ୟ ସେବା ଗୁରୁତର ସଙ୍କଟରେ ପଡ଼ିଛି । ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ସ୍ଥାନୀୟ ଲୋକମାନେ ମୌଳିକ ଚିକିତ୍ସା ସୁବିଧାରୁ ବଂଚିତ ହେଉଥିବାରୁ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟାର ଶୀଘ୍ର ସମାଧାନ ଦାବୀରେ ଶନିବାର କୋଲାବିରା ସିଏଚସି ସମ୍ମୁଖରେ ଗଣଧାରଣା ଆୟୋଜିତ ହୋଇଥିଲା । ଆଂଚଳିକ ବିକାଶ ପରିଷଦ (ଲଇକେରା, କୋଲାବିରା ଓ କିର୍ମିରା) ପକ୍ଷରୁ ଏହି ପ୍ରତିବାଦ କରାଯାଇଥିଲା । ସଂଗଠନର ସଭାପତି ଜିତେନ୍ଦ୍ରିୟ ଧୁରୁଆଙ୍କ ନେତୃତ୍ୱରେ ଉପସଭାପତି ସ୍ୱରୁପ କିଶାନ, ସମ୍ବିତ ନାଏକ, ପ୍ରଶାନ୍ତ ମହାନନ୍ଦିଆ, ଅଜୟ ବିଶ୍ୱାଳ, ଅରୁଣ ନାଏକ, ରମେଶ କିସାନ, ନରେନ କିସାନ, ଦୀପକ ସାହୁ ଓ ତ୍ରିଲୋଚନ ଡନସେନା ସହ ଅନେକ ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଧାରଣାରେ ଯୋଗଦେଇଥିଲେ । ଧାରଣାରେ ଉଠାଯାଇଥିବା ଦାବୀ ଅନୁଯାୟୀ, ସିଏଚସିରେ ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ଶଲ୍ୟ ଓ ମେଡିସିନ୍ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି । ସାଧାରଣ ରୋଗୀମାନେ ମଧ୍ୟ ଯଥୋଚିତ ଚିକିତ୍ସା ପାଇ ପାରୁନଥିବାରୁ ପ୍ରାୟ ୨୦ କି.ମି. ଦୂରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ବାଧ୍ୟ ହେଉଛନ୍ତି, ଯାହା ଅନେକ ସମୟରେ ଜନଜୀବନକୁ ବିପଦଗ୍ରସ୍ତ କରୁଛି । ସରକାରୀ ମଞ୍ଜୁରି ଅନୁଯାୟୀ ଏଠାରେ ୪ ଜଣ ବିଶେଷଜ୍ଞ ଡାକ୍ତର, ଜଣେ ଦନ୍ତ ଚିକିତ୍ସକ ଓ ୧୫ ଜଣ ଏମବିବିଏସ ଡାକ୍ତରଙ୍କ ପଦ ରହିଥିଲେ ମଧ୍ୟ ବର୍ଷ ବର୍ଷ ଧରି ସମସ୍ତ ପଦବୀ ଖାଲି ପଡ଼ିରହିଛି । ସେହିପରି ସୁପରିଟେଣ୍ଡେଂଟ ଓ ବିପିଏଚଓ ପଦ ମଧ୍ୟ ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ମୋଟ ୧୬ଟି ଡାକ୍ତର ଓ ପ୍ରଶାସନିକ ପଦ ଖାଲି ରହିବାରୁ ସ୍ୱାସ୍ଥ୍ୟ ସେବା ପ୍ରାୟ ଅଚଳ ଅବସ୍ଥାକୁ ପହଂଚିଛି । ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଯଥାବିଧି ପଦକ୍ଷେପ ନେଉନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଧାରଣାକାରୀମାନେ ତୁରନ୍ତ ସମସ୍ତ ଖାଲି ଡାକ୍ତର ପଦବୀ ପୂରଣ, ଏଲଟିଆର ମେଡିକାଲ ଅଫିସର, ସହାୟକ ଓ ପ୍ରଶାସନିକ ଅଧିକ୍ଷକ ପଦ ପୂରଣ ସହ ପୋଖରାସାଲ୍‌ହେ ଓ ଭାଡ଼ିମାଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀ ପୂରଣ କରିବାକୁ ଦାବୀ କରିଥିଲେ ।

# ବିଶିଷ୍ଟ ସମାଜସେବୀ ଆଇନଜୀବି ସ୍ୱର୍ଗତଃ କୃତିବାସ ପାଣିଗ୍ରାହୀଙ୍କ ୧୦୧ତମ ଜୟନ୍ତୀ ପାଳିତ




ବାଲେଶ୍ୱର, ୦୫/୪ (ନି.ପ୍ର): ବାଲେଶ୍ୱରର ସୁବାସିନୀ - କୃତିବାସ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାର ଅନ୍ୟତମ ବରପୁତ୍ର ଅନେକ ଶିକ୍ଷାନୁଷ୍ଠାନର ସ୍ରଷ୍ଟା, ବିଶିଷ୍ଟ ସମାଜସେବୀ ଆଇନଜୀବି ସ୍ୱର୍ଗତଃ କୃତିବାସ ପାଣିଗ୍ରାହୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗହଣରେ ଏକ ଶାନ୍ତ ତଥା ନିରାଡମ୍ବର ପରିବେଶରେ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ଟ୍ରଷ୍ଟି ତଥା ସ୍ୱର୍ଗତଃ ପାଣିଗ୍ରାହୀଙ୍କ ସୁପୁତ୍ର ଆଇନଜୀବି ବିଜୟ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ଅନେକ ଗୁଣର ଅଧିକାରୀ ସ୍ୱର୍ଗତଃ କୃତିବାସ ପାଣିଗ୍ରାହୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର କାଳିପଦ ପଣ୍ଡା, ରାଷ୍ଟ୍ରବାଦୀ ନେତା ଗୋପାଳ ନାୟକ, ସର୍ବୋଦୟ ନେତା ବିଧାନ ଚନ୍ଦ୍ର ରାୟ, ଚାଷୀ ମୂଳିଆ ନେତା ଅରୁଣ ଜେନା, ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଦିବାକର ସ, ଆଇନଜୀବି ତୁଷାରକାନ୍ତି ମହାପାତ୍ର ଓ ଦେବାଶିଷ ଦେ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ସମାଜ ସଂସ୍କାରରେ ସ୍ୱର୍ଗତଃ ପାଣିଗ୍ରାହୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଆଇନଜୀବି ରୋଜଲିନ ପାଣିଗ୍ରାହୀ, ଯଯାତି ପାଣିଗ୍ରାହୀ, ସନ୍ତୋଷ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ କୃତିବାସ ପାଣିଗ୍ରାହୀଙ୍କ ଆଦର୍ଶ ବ୍ୟକ୍ତିତ୍ୱ ଓ ଉତ୍ସର୍ଗୀକୃତ ସାମଜସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶେଖ ସାହାଜାଦା, ତାପସ କୁମାର ଦାସ, ସମାଜସେବୀ ବାସୁଦେବ ବେହେରା, ଜୟପର୍ଣ୍ଣା ପାଣିଗ୍ରାହୀ, ମଞ୍ଜୁରାଣୀ ନାୟକ, ବିଭାସ କୁମାର ରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅନ୍ୟତମ ଟ୍ରଷ୍ଟି ଆଇନଜୀବି ଚିରଞ୍ଜିବି ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମିଳନ ମହୋତ୍ସବ -୨୦୨୬ର ଚତୁର୍ଥ ସନ୍ଧ୍ୟାରେ 'ମହୋତ୍ସବ ବିକାଶର କଥା କହେ'




ଜଳେଶ୍ୱର, ୦୫/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣ ନାଥ ଗ୍ରାମ ପଞ୍ଚାୟତ ବିରିଶପୁର ସ୍କୁଲ ପଡିଆଠାରେ ମିଳନ ମହୋତ୍ସବ -୨୦୨୬ ର ଚତୁର୍ଥ ବର୍ଷ ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସାଂସ୍କୃତିକ ସଭାରେ ପୈାରହିତ୍ୱ କରିଥିଲେ ପୂର୍ବତନ ଆଦର୍ଶ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମେନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ ମହୋତ୍ସବ ସମ୍ପର୍କ ଯୋଡି ବିକାଶ ର କଥା କହେ ଲକ୍ଷ୍ମଣନାଥ ପଞ୍ଚାୟତ ଅଧୀନସ୍ଥ ବିରିଶପୁର ଗ୍ରାମ ତଥା ଜଳେଶ୍ୱର ବ୍ଲକ ତଥା ଆଖପାଖ ଅଞ୍ଚଳର ଲୋକମାନେ ବିଶେଷ ଭାବରେ କୃଷି ଉପରେ ନିର୍ଭର କରିଥାନ୍ତି।କୃଷି ର ଉନ୍ନତି ପାଇଁ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା । ଜଳେଶ୍ୱର କୁ ସବଡିଭିଜନ, ଜଳେଶ୍ୱର କୁ ଜିଲ୍ଲା,ଜି କେ ଭଟର ହସ୍ପିଟାଲରେ ଟ୍ରମା ସେଣ୍ଟର ପ୍ରତିଷ୍ଠା ପ୍ରଭୃତି ବିକାଶ ମୂଳକ ପ୍ରସ୍ତାବ ରଖିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଓ ଏବର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବକ୍ତବ୍ୟରେ କହିଥିଲେ ମିଳନ ମହୋତ୍ସବ ୪ ବର୍ଷ ପଦାର୍ପଣ କରି ୪୦୦ ବର୍ଷ ତିଷ୍ଠି ରହିବ ବୋଲି କହିଥିଲେ।ମୁଖ୍ୟ ବକ୍ତା ଭାବରେ ପ୍ରଫେସର ଡଃ ଲେଖାଶ୍ରୀ ସାମନ୍ତସିଂହାର ବକ୍ତବ୍ୟରେ କହିଥିଲେ ମିଳନ ମହୋତ୍ସବ ର ପ୍ରତିଦିନ ଏକ ଡକୁମେଣ୍ଟ କରିବା ପାଇଁ କହିଥିଲେ । ପିଲା ଠାରୁ ଆରମ୍ଭ କରି ଯୁବକ, ଯୁବତୀ ଆଜି ଅପସଂସ୍କୃତି ର କବଳିତ ହୋଇଯାଉଛନ୍ତି ମୋବାଇଲ ପାଇଁ ନିଶାସକ୍ତ ଭଳି ହୋଇ ଯାଉଛନ୍ତି ବୋଲି କହିଥିଲେ।ସମ୍ମାନୀତ ଅତିଥି ଭାବରେ ସ୍ତମ୍ଭକାର ସୁଦର୍ଶନ ଦାସ ବିକାଶ ର କଥା ସହିତ ଆମ ଲାଇଫ ଲାଇନ ସୁବର୍ଣ୍ଣ ରେଖା ନଦୀ ମୃତ୍ୟୁ ମୁଖରୁ ରକ୍ଷା ପାଇଁ କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ ଚକ୍ରବର୍ତ୍ତୀ ଏଇ ମହୋତ୍ସବ ପଡ଼ିଆରେ ଆଗାମୀ ଅପ୍ରେଲ ୬ ତାରିଖ ଦିବା ୯ ଘଟିକା ଠାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ହେବାକୁ ଥିବା ରକ୍ତ ଦାନ ଶିବିର ରେ ରକ୍ତ ଦାନ ମହା ପୁଣ୍ୟ କାର୍ଯ୍ୟ ରେ ସାମିଲ ହେବାପାଇଁ ନିବେଦନ କରିଥିଲେ।ମଞ୍ଚ ଆମନ୍ତ୍ରଣ ,ବେଦପାଠ ଓ ଅତିଥି ଙ୍କ ପରିଚୟ ପ୍ରଦାନ ନିଜସ୍ୱ କଣ୍ଠ ସଙ୍ଗୀତ ମାଧମରେ କରିଥିଲେ। ମଞ୍ଚାସୀନ ସମସ୍ତ ଅତିଥି ଙ୍କୁ ଉପାୟନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରଜ ଗୋପାଳ ରାଉତ (ହରି ଭାଇ),ସମାଜସେବୀ ଅଶୋକ କୁମାର ଦାସ, ବରିଷ୍ଠ ସାମ୍ବାଦିକ ତଥା ରୋଟାରୀୟାନ ସୁକୁମାର ରଣା,ମିଳନ ମହୋତ୍ସବ କମିଟି ର ପ୍ରତିଷ୍ଠାତା ଜିତେନ୍ଦ୍ର ନାଥ ଦାସ,ଶିବ ପ୍ରସାଦ ଦାସ, ହେମନ୍ତ ଦାସ, ମହୋତ୍ସବ କମିଟି ର ସଭାପତି କାହ୍ନୁ ଚରଣ ଜେନା ବରେଣ୍ୟ ଅତିଥି ଭାବରେ କବି ବସନ୍ତ କୁମାର ଦାସ ନିମନ୍ତ୍ରିତ ଅତିଥି ଭାବରେ ପୂର୍ବତନ ସରପଂଚ ବବିତା ରାଉତ, ଅନ୍ୟତମ ଅତିଥି ଭାବରେ ସମାଜ ସେବିକା ବବିତା ରାଣୀ ଦାସ ଯୋଗଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟ ଉତ୍ପଳ ମହାନ୍ତି। ସହଯୋଗ କରିଥିଲେ ସତ୍ୟବ୍ରତ ବାରିକ, ପ୍ରାରମ୍ଭିକ ସ୍ୱାଗତମ୍ ନୃତ୍ୟ ପରିବେଷଣ କରିଥିଲେ ସୁସ୍ମିତା କଟୁଆଳ, ଓ ଖୁସି ରାଉତ।

# ଆରମ୍ଭ ହେଲା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ: ସଚେତନତା ପାଇଁ ଗଡ଼ିଲା ଶିକ୍ଷାରଥ




ଉଦଳା, ୦୫/୪ (ନି.ପ୍ର): ସରକାରଙ୍କ ନୂତନ ଶିକ୍ଷା ନୀତି – ୨୦୨୦ ଅନୁଯାୟି ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଗତ ଶିକ୍ଷାବର୍ଷ ଠାରୁ ଶିଶୁବାଟିକା ଆରମ୍ଭ କରାଯାଇଛି । ତେବେ ଚଳିତ ଶିକ୍ଷାବର୍ଷ ୨୦୨୬ – ୨୭ ପାଇଁ ୫ ବର୍ଷରୁ ଅଧିକ ବୟସର ପିଲାଙ୍କୁ ଶିଶୁ ବାଟିକା ଏବଂ ୬ ବର୍ଷରୁ ଅଧିକ ବୟସର ପିଲାଙ୍କୁ ପ୍ରଥମଶ୍ରେଣୀରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଇଛି । ଏହା ସହିତ 'ଆସ ସ୍କୁଲଯିବା ଅଭିଯାନ'ରେ ବିଦ୍ୟାଳୟ ବାହାରେ ଥିବା ୫ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରହିଛି । ଏହାକୁ ସଫଳ କରିବା ପାଇଁ ଉଦଳା ବ୍ଲକର ଖଲାଡ଼ି ପଂଚାୟତରେ ଥିବା କଇଁସାରି କ୍ଲଷ୍ଟର ଅନ୍ତର୍ଗତ ଶାଳଖୁଂଟାସ୍ଥିତ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ଏପ୍ରିଲ ୪ ତାରିଖ ଶନିବାର ଦିନ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଭାରତର ଜ୍ଞାନ - ବିବେକ କେବଳ ପୁସ୍ତକଗତ ନଥିଲା, ଏହା ଜୀବନର ପ୍ରତ୍ୟେକ ଅବସ୍ଥା ସହିତ ଜଡ଼ିତ ଥିଲା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀ ୟସରପଂଚ ସସ୍ମିତା ବାରିକ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣି ବାରିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିକଶିତ ଓଡ଼ିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ନିତାନ୍ତ ଆବଶ୍ୟକ ବୋଲି ବ୍ୟକ୍ତ କରିଥିଲେ । ପ୍ରଧାନ ଶିକ୍ଷକ ବୃନ୍ଦାବନ ପୃଷ୍ଟି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆମର କୁନି କୁନି ପିଲାମାନଙ୍କ ପାଇଁ ଶିଶୁ ବାଟିକା ହେଉଛି ସେମାନଙ୍କର ଖୁସି, ଆନନ୍ଦ ଓ ସୁନ୍ଦର ଭବିଷ୍ୟତର ଏନ୍ତୁଡ଼ିଶାଳ ବୋଲି କହିଥିଲେ । ଶେଷଦେବ ପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିଖରେଶ୍ୱର ବିଶ୍ୱାଳ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ଗଢ଼ିଉଠିଥିବା ଏକ ସଂଗ୍ରହାଳୟକୁ ଅତିଥି ମାନେ ବୁଲି ଦେଖିଥିଲେ । ପରେ ପତାକା ଦେଖାଇ ଶିକ୍ଷା ରଥର ଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ରଥ ଉଦଳା ବ୍ଲକ ଅଂଚଳର ସମସ୍ତ ଗ୍ରାମକୁ ଗସ୍ତ କରି ସଚେତନତାର ବାର୍ତ୍ତା ବାଂଟିବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ଉତ୍ସବକୁ ସଫଳ କରିବା ପାଇଁ ସିଆରସିସି ଶାନ୍ତନୁ କୁମାର ଦାଶ, ଗୌରକିଶୋର ବିନ୍ଧାଣି, ବୈଶାଖି ସାହୁ, ଆଲୋକ ପରିଡ଼ା, ଦୀପକ କୁମାର ଦାସ, ଲଳିତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଭାଲୁ ଆକ୍ରମଣରେ ୨ ମହିଳା ଗୁରୁତର

ନୂଆପଡ଼ା, ୦୫/୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖରିଆର ରୋଡ଼ ରେଞ୍ଜ ଅନ୍ତର୍ଗତ ସିରିଗିଡି ଗ୍ରାମରେ ଆଜି ସକାଳ ୬ଟା ସମୟରେ ଏକ ଭାଲୁ ଆକ୍ରମଣରେ ୨ ମହିଳା ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ସିରିଗିଡି ଗ୍ରାମର ୨ ଜଣ ମହିଳା ପୂର୍ଣ୍ଣିମା ମାଝୀ (୨୫) ଓ ସମଲେଶ୍ୱରୀ ରାଉତ (୨୨) ଆଜି ସକାଳ ସମୟରେ ସ୍ଥାନୀୟ ଜଙ୍ଗଲ ନିକଟରେ ଥିବା ଏକ ମହୁଲ ଗଛରୁ ମହୁଲ ଫୁଲ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭାଲୁ ପୂର୍ଣ୍ଣିମା ଓ ସମଲେଶ୍ୱରୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଲୋକେ ଗୁରୁତର ଆହତ ଅବସ୍ଥାରେ ୨ ଜଣଙ୍କୁ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଛନ୍ତି। ଖରିଆର ରୋଡ଼ ବନ ବିଭାଗ ଖବର ପାଇ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଉଭୟଙ୍କୁ ଉପଯୁକ୍ତ ଚିକିତ୍ସା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଫରେଷ୍ଟ ଗାର୍ଡଙ୍କୁ ମାଡ଼ ଘଟଣା: ନ୍ୟାୟପାଇଁ ଧାରଣା ଦେବେ ଫରେଷ୍ଟଗାର୍ଡ ପତ୍ନୀଙ୍କ ସମେତ ପରିବାର

ନୀଳଗିରି , ୦୫/୪ (ନି.ପ୍ର): କୁଳଡିହା ରେଞ୍ଜରଙ୍କ ଅମାନବୀୟ ମାଡ଼ ଏବଂ ଅତ୍ୟାଚାର ବିରୋଧରେ ଶେଷରେ ନ୍ୟାୟପାଇଁ ଧାରଣାଦେବେ ପୀଡିତ ଫରେଷ୍ଟଗାର୍ଡଙ୍କ ପରିବାର। ଏନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଫରେଷ୍ଟଗାର୍ଡଙ୍କ ପତ୍ନୀ ଦିପ୍ତିମୟୀ ପାତ୍ର। ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୨୫ତାରିଖ ରାତି ପ୍ରାୟ ୧୨ଟା ସମୟରେ ନୀଳଗିରି କୁଳଡିହା ଭାରାପ୍ରାପ୍ତ ରେଞ୍ଜଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ନିଜର ୨୦ରୁ ୨୫ବନକର୍ମଚାରୀଙ୍କ ସହିତ ଏକ ରେଡସାରି ଫେରୁଥିବା ବେଳେ ମୟୂରଭଞ୍ଜ ଝିଙ୍କିପଦାରୁ ନିଜ ନୀଳଗିରି ଭଡ଼ାଘରକୁ ଫେରୁଥିବା ଉପରଡିହା ଗ୍ରାମର ଜିଲ୍ଲାବନବିଭାଗ କାର୍ଯ୍ୟାଳୟର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ର ଏବଂ ତାଙ୍କ ସାଥୀ ବିଦ୍ୟୁତ୍ ବିଭାଗର କର୍ମଚାରୀ କ୍ଷୀରୋଦ ଦାସଙ୍କୁ ଗାଡ଼ି ଓଭରଟେକ୍ କୁ ନେଇ ନିସ୍ତୁକ ମାଡ଼ମାରିଥିଲେ। ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯିବା ସହ ପିଠିରେ ଅକଥନୀୟ ମାଡ଼ର ଚିହ୍ନ ଦେଖିବାକୁ ମିଳିଥିଲା। ଉଭୟଙ୍କୁ ଖୋଦ୍ ରେଞ୍ଜର ଏବଂ ସହକର୍ମୀ ବନକର୍ମଚାରୀ ବରହମପୁର ଥାନାକୁ ନେଇ ଏକ ଲିଖିତ ସମାଧାନପତ୍ର ଲେଖାଇ ନେଇଥିଲେ। ମାତ୍ର ଯନ୍ତ୍ରଣାରେ ଛଟପଟ ପଦ୍ମଲୋଚନ ଏବଂ କ୍ଷୀରୋଦଙ୍କୁ ହସ୍ପିଟାଲକୁ ନନେଇ ଛାଡିଚାଲି ଯାଇଥିବା ବେଳେ ପରିବାରଲୋକେ ବାଲେଶ୍ୱର ମେଡିକାଲ କଲେଜକୁ ନେଇ ଚିକିତ୍ସା କରାଇଥିଲେ। ଏପରିକି ପରବର୍ତ୍ତୀଦିନ ୨୬ତାରିଖ ଏସିଏଫ୍ ସୁବ୍ରତ ବେହେରା ମେଡିକାଲ ଯାଇ ମାମଲାକୁ ରଫାଦଫା କରିବାକୁ ଚେଷ୍ଟାକରି ଆକ୍ରମଣର ଶିକାର ହୋଇଥିଲେ। ଏନେଇ ପଦ୍ମଲୋଚନଙ୍କ ପତ୍ନୀ ଏବଂ କ୍ଷୀରୋଦଙ୍କ ପରିବାର ତରଫରୁ ବରହମପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ନେଇନଥିବା ବେଳେ ବାଲେଶ୍ୱର ଡିଏଫ୍ଓ ମଧ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତେଣୁ ନିଜକୁ ଅସୁରକ୍ଷିତ ଏବଂ ନ୍ୟାୟପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିକଟକୁ ପତ୍ରଲେଖିଥିବା ବେଳେ ଆଜି ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବନ୍ଧୁବାନ୍ଧବଙ୍କ ସହିତ ଶାନ୍ତିପୂର୍ଣ୍ଣ ଧାରଣାଦେବାକୁ ସାମ୍ବାଦିକ ସମ୍ମିଳନୀରେ ପଦ୍ମଲୋଚନଙ୍କ ପତ୍ନୀ ଦିପ୍ତିମୟି ପାତ୍ର ସୂଚନା ଦେଇଛନ୍ତି। ଗଡ଼ଜାତ ମାଟିର ସ୍ୱାଭିମାନ ଏବଂ ଜଣେ ହରିଜନ ସଂପ୍ରଦାୟର ମହିଳାଙ୍କ ଅଧିକାରପାଇଁ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିଜର ସମର୍ଥନଦେଇ ଧାରଣାରେ ସହଯୋଗକରିବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟ କ୍ୟାବିନେଟର...

ବୈଷୟିକ ଶିକ୍ଷାନୁଷ୍ଠାନରେ ଏଣିକି ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ସିଟ୍ ସଂରକ୍ଷଣ ୧୨% ରୁ ୨୨.୫୦% ଓ ଅନୁସୂଚିତ ଜାତିଙ୍କୁ ୮% ରୁ ୧୬.୨୫% କୁ ବୃଦ୍ଧି କରାଯାଇଥିବା ବେଳେ ଏସଇବିସିଙ୍କୁ ପ୍ରଥମଥର ପାଇଁ ୧୧.୨୫% ସଂରକ୍ଷଣ ସୁବିଧା ମିଳିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ଏସଟି ଓଏସସି ବର୍ଗର ଜନସଂଖ୍ୟା ଅଧିକ ଥିଲେ ମଧ୍ୟ ସେମାନଙ୍କୁ ଦୀର୍ଘଦିନ ଧରି ଉପଯୁକ୍ତ ପ୍ରତିନିଧିତ୍ୱ ମିଳୁନଥିଲା। ଏହି ନୂଆ ନିଷ୍ପତ୍ତି ଫଳରେ ରାଜ୍ୟର ମୋଟ ୨୪୨୧ଟି ମେଡିକାଲ ସିଟ୍ ମଧ୍ୟରୁ ଏସଟିଙ୍କ ପାଇଁ ଆସନ ସଂଖ୍ୟା ୨୯୦ରୁ ୫୪୫କୁ ଓ ଏସସିଙ୍କ ପାଇଁ ୧୯୩ ରୁ ୩୯୩ କୁ ବୃଦ୍ଧି ପାଇବା ସହ ଏସଇବିସି ବର୍ଗଙ୍କୁ ୨୭୨ଟି ସିଟ୍ ମିଳିବ। ସେହିପରି ୪୪୫୭୯ଟି ଇଞ୍ଜିନିୟରିଂ ସିଟ୍ ମଧ୍ୟରୁ ଏସଟିଙ୍କ ପାଇଁ ୧୦୦୩୦, ଏସସିଙ୍କ ପାଇଁ ୭୨୪୪ ଓ ଏସଇବିସି ବର୍ଗଙ୍କ ପାଇଁ ୫୦୧୫ଟି ଆସନ ସଂରକ୍ଷିତ ରହିବ। ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ, ପଲିଟେକନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍ସସ୍, ଆର୍କିଟେକଚର, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ।

### ଗ୍ୟାସ୍ କଳାବଜାରୀ...

ସେପଟେ ଆଉ ବଜାରରେ ବିକ୍ରି ହେବନି ରନ୍ଧନ ଗ୍ୟାସ୍। ଏହା ବେଆଇନ୍ । ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଏହି ବଡ଼ ସୂଚନା ଦେଇଛନ୍ତି । କେବଳ ସୀକୃତି ପ୍ରାପ୍ତ ଦୋକାନୀ ବା ଏଜେନ୍ସି ହିଁ ଗ୍ୟାସ୍ ବିକ୍ରି କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ୫ ଲିଟର ଗ୍ୟାସ ସମ୍ପୂର୍ଣ୍ଣ ବନ୍ଦ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ । ଖୋଲାଖୋଲି ବଜାରରେ ଗ୍ୟାସ୍ ବିକ୍ରି ହେଉଥିବାରୁ ଗ୍ୟାସ୍ କଳାବଜାରୀ ବ୍ୟାପକ ହେଉଛି। ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସଙ୍କଟ ଥିବାବେଳେ ଆମ ରାଜ୍ୟରେ ଗ୍ୟାସ୍ ସିଲିଣ୍ଡରକୁ ନେଇ ସଙ୍କଟ ଦେଖାଦେଉଛି ।

### ଜାତିସଂଘରେ ଟ୍ରମ୍ପଙ୍କୁ ...

ଯଦି ଏହି ସମୟସୀମା ମଧ୍ୟରେ ଇରାନ କୌଣସି ଚୁକ୍ତିରେ ପହଞ୍ଚିବାରେ ବିଫଳ ହୁଏ କିମ୍ବା ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବାରେ ବିଫଳ ହୁଏ, ତେବେ ସେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ଇରାନ ଏହି ଅଲଟିମେଟମ୍‌କୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛି। ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ଆରମ୍ଭ ହେବା ପରଠାରୁ ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି । ଇନ୍ଧନ ମୂଲ୍ୟ ଆକାଶଛୁଆଁ ହୋଇଛି, ବିଶ୍ୱ ବଜାର ଅସ୍ଥିର ଅଛି, ଏବଂ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେଉଛି। ଉଭୟ ପକ୍ଷ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ହେଉଥିବା ଅଭିଯୋଗ କରୁଛନ୍ତି।

### ଇରାନ୍ ମାଟିରୁ ଖତରନାକ...

ଟ୍ରମ୍ପଙ୍କ ନିର୍ଦ୍ଦେଶରେ ମିଶନରେ ନିୟୋଜିତ ହୋଇଥିଲେ ବିଶ୍ୱର ସବୁଠାରୁ ଘାତକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଡଜନ ଡଜନ ବିମାନ। ରାତିର ଅନ୍ଧାରରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ଆଟାକ୍ ହେଲିକପ୍ଟର ଓ ସ୍ୱତନ୍ତ୍ର କମାଣ୍ଡୋ ଦଳ ଇରାନ ମାଟିରେ ପଶିଥିଲେ। ଏତିକିବେଳେ ଇରାନ୍ ସେନା ଉପରେ ଆକାଶରୁ ବୋମା ବର୍ଷଣ କରିଥିଲେ ଡ୍ରୋନ ଓ ଯୁଦ୍ଧ ବିମାନ। ହେଲେ ଅନ୍ଧାରର ସୁଯୋଗ ନେଇ ଆମେରିକୀୟ କମାଣ୍ଡୋ ସୁରକ୍ଷିତ ଭାବେ ପାଇଲଟଙ୍କ ପାଖରେ ଓହ୍ଲାଇଥିଲେ। ଉଦ୍ଧାର ଅଭିଯାନ ବେଳେ ଆମେରିକୀୟ ସେନାକୁ ଅନେକ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ହୋଇ ପର୍ସିଆନ୍ ଗଲ୍ଫରେ ପଡ଼ିଥିଲା ଗୋଟିଏ A-୧୦ ବିମାନ। ରେସକ୍ୟୁ ଟିମର ଏକ ହେଲିକପ୍ଟର ଉପରେ ଇରାନ ସେନା ଗୁଳିମାଡ଼ କରିବାରୁ ଆମେରିକାର କିଛି ଯବାନ ଆହତ ବି ହୋଇଛନ୍ତି।

### ବଞ୍ଜାରରେ ଟେମ୍ପୋ ...

ଯାହା ଉଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ଅସୁବିଧା ସୃଷ୍ଟି କରିଥିଲା।ଦୁର୍ଘଟଣାର ଖବର ପାଇବା ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଂଚି ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ, ପୋଲିସ ଏବଂ ପ୍ରଶାସନର ଦଳ ଘଟଣାସ୍ଥଳରେ ପହଂଚି ଆହତ ଯାତ୍ରୀମାନଙ୍କୁ ବାହାର କରିଥିଲେ ଏବଂ ତୁରନ୍ତ ଡାକ୍ତରଖାନାକୁ ପଠାଇଥିଲେ।ସମସ୍ତ ଆହତ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ବଞ୍ଜାରର ସିଭିଲ୍ ହସ୍ପିଟାଲକୁ ନିଆଯାଇଥିଲା। ଗୁରୁତର ଆହତମାନଙ୍କୁ କୁଲୁର ଆଂଚଳିକ ହସ୍ପିଟାଲକୁ ପଠାଯାଇଛି।

# ବାଲେଶ୍ୱର ଜିଲ୍ଲା ମାଣିଖମ୍ବର ଡିନାମାର ଡିଙ୍ଗା ଲକ୍ଷ୍ମୀ ନାରାୟଣ ପୂଜା ମହାସମାରୋହରେ ପାଳିତ



ବାଲେଶ୍ୱର, ୦୫/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ର ଡିନାମାର ଡିଙ୍ଗା ଗ୍ରାମରେ ଲକ୍ଷ୍ମୀ ନାରାୟଣ ପୂଜା ସଭାପତି ପୂର୍ଣ୍ଣଚନ୍ଦ୍ର ଖଟୁଆଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପୂଜା ପ୍ରାୟତଃ ଉର୍ଦ୍ଧ୍ୱ ଶତାବ୍ଦୀ ଧରି ପାଳନ ହୋଇ ଆସୁଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ସଦର ବିଧାୟକ ମାନସ କୁମାର ଦତ୍ତ, ବିଜେପିର ଯୁବନେତା ସମାଜ ସେବୀ ଗୌରାଙ୍ଗ ଦାସ , ପୂର୍ବତନ ଜିଲ୍ଲା ପରିଷଦ ପର୍ଶୁରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପୂଜା ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ହୋଇଥିଲା ପ୍ରଥମ ଦିବସରେ ଲକ୍ଷ୍ମୀ ନାରାୟଣ ଙ୍କ ପୂଜା ସଙ୍ଗେ ସଙ୍ଗେ ଯାତ୍ରା ର ଆୟୋଜନ କରାଯାଇଥିଲା । ୩ ତାରିଖ ଦ୍ୱିତୀୟ ଦିବସରେ ପ୍ରସାଦ ସେବନର ଆୟୋଜନ ହୋଇଥିଲା। ପ୍ରାୟ ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଲୋକ ପ୍ରସାଦ ସେବନ କରିଥିଲେ। ୪ ତାରିଖରେ ଠାକୁର ବିସର୍ଜନ କରି ଠାକୁରଙ୍କୁ ବିଭିନ୍ନ ପ୍ରକାର ବାଦ୍ୟ ଖୋଳ କୀର୍ତ୍ତନ ସହିତ ସହର ପରିକ୍ରମା କରି ବାଲିଘାଟରେ ଭସାଣି କରିଥିଲେ। ଏହି ଲକ୍ଷ୍ମୀ ନାରାୟଣ ପୂଜାରେ ଭଗବାନ ମାଝୀ, ନରେନ ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ରବୀନ୍ଦ୍ର ମାଝୀ, ଗଜେନ୍ଦ୍ର ମାଝୀ, ବାଇଧର ମାଝୀ, ଗୋବର୍ଦ୍ଧନ ମାଝୀ, ସନାତନ ଖଟୁଆ, ମିକିଲି ମାଝୀ, କମଳାକାନ୍ତ ମାଝୀ, ମାର୍କଣ୍ଡ ଜେନା, ଜିତେନ୍ଦ୍ର ମାଝୀ, ବିଜୟ ମାଝୀ, ସିଦ୍ଧାର୍ଥ ମାଝୀ, ପ୍ରତାପ ମାଝୀ, କେଦାର ତରେଇ, ସନାତନ ମାଝୀ, ଶୁଭମ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଐତିହ୍ୟ ଗଣଦୌଡ଼ ଆୟୋଜିତ




ବାଲେଶ୍ୱର, ୦୫/୪ (ନି.ପ୍ର): ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ପରମ୍ପରା ଓ ଗୌରବକୁ ବିଶ୍ୱ ମଞ୍ଚରେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପାଳିତ 'ଓଡ଼ିଆ ପକ୍ଷ–୨୦୨୬' ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଞ୍ଚମ ଦିନରେ 'ଐତିହ୍ୟ ଗଣଦୌଡ଼' ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ଗଣଦୌଡ଼ ପବିତ୍ର କ୍ଷୀରଚୋରା ଗୋପୀନାଥ ମନ୍ଦିର ନିକଟରୁ ଆରମ୍ଭ ହୋଇ ଗାର୍ଗେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଗଣଙ୍କ ସହ ଶତାଧିକ ଉତ୍ସାହିତ ଛାତ୍ରଛାତ୍ରୀ ଯୋଗଦେଇ ଓଡ଼ିଆ ଐତିହ୍ୟ ପ୍ରତି ନିଜର ଗର୍ବ ଓ ସମ୍ମାନ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସଚେତନତା ସୃଷ୍ଟି ହୋଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ମତପ୍ରକାଶ କରାଯାଇଛି।

